## ଭଦ୍ରକରେ ପହଞ୍ଚିଲା ଉତ୍କଳ ପ୍ରସଙ୍ଗ, ଓଡ଼ିଶା ରିଭ୍ୟୁ ରଥ

ଭଦ୍ରକ,(ସନାତନ ରାଉତ): ପବିତ୍ର ରଥଯାତ୍ରା ଅବସରରେ ଓଡ଼ିଶା ସରକାରଙ୍କ ସୂଚନା ଓ ଲୋକସମ୍ପର୍କ ବିଭାଗ ଦ୍ୱାରା ପ୍ରକାଶିତ ମାସିକ ପତ୍ରିକା ଉତ୍କଳ ପ୍ରସଙ୍ଗ ଓ ଓଡ଼ିଶାରିଭ୍ୟୁର ରଥ ବିଶେଷାଙ୍କ ସଂଖ୍ୟା ପାଠକମାନଙ୍କ ପାଇଁ ଜିଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟରେ ଉପଲବ୍ଧ କରାଯାଇଛି। ସରକାରୀ କାର୍ଯ୍ୟ ଦିବସ ଓ ସମୟ ମଧ୍ୟରେ ଇଚ୍ଛୁକ ପାଠକମାନେ ଉକ୍ତ କାର୍ଯ୍ୟାଳୟରୁ ଖଣ୍ଡପ୍ରତି ମୂଲ୍ୟ ୫ ଟଙ୍କାରେ ଏହା କ୍ରୟ କରିପାରିବେ।

# ସଂକ୍ଷେପରେ

## ‘ରେବ’ରୁ ଗଳିତ ମୃତଦେହ ଜବତ

ତିହିଡ଼ି,୧୨।୭(ସଞ୍ଜିତ୍ ବଳ): ଭଦ୍ରକ ଜିଲା ତିହିଡ଼ି ଥାନା ବୋଡ଼କ ପଞ୍ଚାୟତ ଅଧୀନ କାଶିନ୍ଦପୁର ଗ୍ରାମ ନିକଟସ୍ଥ ରେବ ନଦୀରୁ ମଙ୍ଗଳବାର ରାତିରେ ଅଚିହ୍ନା ବ୍ୟକ୍ତିଙ୍କ ଗଳିତ ମୃତଦେହକୁ ଜବତ ହୋଇଛି। ନଈରେ ମୃତଦେହ ଭାସୁଥିବା ଦେଖି ଗ୍ରାମବାସୀ ପୋଲିସକୁ ଖବର ଦେଇଥିଲେ। ଉଭୟ ତିହିଡ଼ି ଏବଂ ଧୂଷୁରୀ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚିଥିଲେ। ମୃତଦେହ ଭାସୁଥିବା ଅଞ୍ଚଳ ତିହିଡ଼ିରେ ବୋଲି ଜଣାଯିବା ପରେ ତିହିଡ଼ି ପୋଲିସ ଏହାକୁ ଜବତ କରିଥିଲା। ତିହିଡ଼ି ଥାନା ଆଇଆଇସି ମହମ୍ମଦ ହାଫିଜ, ଏସ୍ଆଇ ଅରୁନ୍ଧତୀ ବେହେରା, ଏଏସ୍ଆଇ ପ୍ରଶାନ୍ତ ଦାସ ପ୍ରମୁଖ ଉପସ୍ଥିତି ଥିଲେ। ବାରୋ ଅଞ୍ଚଳର ସାମାଜିକ ସଂଗଠନ ଭାରତ ସୋସିଆଲ ସର୍ଭିସର କର୍ମକର୍ତ୍ତା ଶ୍ରୀକାନ୍ତ ବାରିକ, ସମରେନ୍ଦ୍ର ଦାସ, ରଘୁନାଥ ମହାଳିକ, ଶଶିକାନ୍ତ ମହାଳିକ, ବିକାଶ ମହାଳିକ ପ୍ରମୁଖ ସହାୟତା କରିଥିଲେ। ମୃତଦେହ କିଛିଦିନ ଧରି ନଈରେ ଭାସିବା କାରଣରୁ ଗଳିତ ହୋଇଥିବା ଏବଂ ମୁହଁ ସମ୍ପୂର୍ଣ୍ଣ ରୂପେ କ୍ଷତବିକ୍ଷତ ହୋଇଯାଇଛି। ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ. ୨୩/୨୩) ରୁଜୁ କରି ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଇଛି।

## ଥାନାରୁ ଚମ୍ପଟ୍ ମାରିଲେ ଅଭିଯୁକ୍ତ

ଆନନ୍ଦପୁର,୧୨।୭(ସନ୍ତୋଷ ରାଉତ/ରଞ୍ଜିତ କୁମାର ରଣା): କେନ୍ଦୁଝର ଜିଲା ଆନନ୍ଦପୁର ଥାନାରୁ ଜଣେ ଗିରଫ ଅଭିଯୁକ୍ତ ବୁଧବାର ଫେରାର ହୋଇଯାଇଛନ୍ତି। ଚୋରି କରିବା ଘଟଣାରେ ଅଭିଯୁକ୍ତ ଫକୀରପୁର ଗ୍ରାମର ଅମର ସାହୁକୁ ଆନନ୍ଦପୁର ପୋଲିସ ମାମଲା(ନଂ.୧୪୨/୨୩) ଆଧାରରେ ମଙ୍ଗଳବାର ଗିରଫ କରିଥିଲା। ବୁଧବାର ସକାଳ ସମୟରେ ଅଭିଯୁକ୍ତ ଅମର କାଳିମନ୍ଦିର ପଛପାଖ ଥାନା ପଚେରିଡେଇଁ ଫେରାର ହୋଇଯାଇଥିଲା। ପୋଲିସ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଫକୀରପୁର ନିକଟ ବୈତରଣୀ ନଦୀର ବନ୍ଧ ରାସ୍ତାରେ ଅଭିଯୁକ୍ତଙ୍କୁ ଗିରଫ କରିବାରେ ସଫଳ ହୋଇଥିଲା। ଥାନାରେ ଆଉ ଏକ ମାମଲା( ନଂ. ୧୪୩/୨୩)ରେ ରୁଜୁ ହୋଇଥିବା ଥାନା ଅଧିକାରିଣୀ ଦେବକୀ ନାଇକ ସୂଚନା ଦେଇଛନ୍ତି।

## ଲୋଡର ଚାପାରେ ଅପରେଟରଙ୍କ ମୃତ୍ୟୁ

### ନର୍ଭେରାମ ଖଣିରେ ଅଘଟଣ

ବଡ଼ବିଲ,୧୨।୭ (ଦେବପ୍ରିୟ ରଣା): କେନ୍ଦୁଝର ଜିଲା ବଡ଼ବିଲ ଥାନା ଅନ୍ତର୍ଗତ ଟଣ୍ଟସ୍ଥିତ ନର୍ଭେରାମ ପାୱାର ଆଣ୍ଡ ଷ୍ଟିଲ୍ କମ୍ପାନୀ ଖଣିରେ ବୁଧବାର ଅଘଟଣ ଘଟିଯାଇଛି। ଲୋଡର ତଳେ ଚାପିହୋଇ ଜଣେ ଅପରେଟରଙ୍କ ମୃତ୍ୟୁ ଘଟିଛି। ମୃତକ ଜଣକ ମୟୂରଭଞ୍ଜ ଜିଲା ବାଦାମପାହାଡ଼ ଥାନା ସୁଲେଇପାଟ, ରକ୍ଷାସାହି ଅଞ୍ଚଳର ମହେନ୍ଦ୍ର କାରୁଆ ଓରଫ କୁନାଲ(୩୪)। ବୁଧବାର ଭୋର ସମୟରେ ମହେନ୍ଦ୍ର ଲୋଡରଟିକୁ ଏକ ସ୍ଥାନରେ ଛିଡ଼ାକରି କିଛି ଦୂରରେ ପରିସ୍ରା କରୁଥିଲେ। ଏହି ସମୟରେ ଲୋଡରଟି ଗଡ଼ିଯାଇ ମହେନ୍ଦ୍ରଙ୍କ ଉପରେ ଚଢ଼ିଯାଇଥିଲା। ଫଳରେ ଲୋଡର ଚାପାରେ ମହେନ୍ଦ୍ରଙ୍କର ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ଏ ନେଇ ବଡ଼ବିଲ ଥାନାରେ କମ୍ପାନୀ ପକ୍ଷରୁ ଅଭିଯୋଗ ହେବା ପରେ ପୋଲିସ ଥାନାରେ ମାମଲା (ନଂ. ୧୮୯/୨୦୨୩)ରେ ରୁଜୁ କରିଛି। ମୃତଦେହକୁ ଜବତକରି ପୋଲିସ ବ୍ୟବଚ୍ଛେଦ ନିମନ୍ତେ ପଠାଇ ଅଧିକ ତଦନ୍ତ ଜାରି ରଖିଥିବା ବଡ଼ବିଲ ଥାନା ଆଇଆଇସି ପ୍ରମୋଦିନୀ ସାହୁ କହିଛନ୍ତି।

# ୨ବର୍ଷରେ ସରିପାରିଲାନି ଖଇରା ମିଶନଶକ୍ତି ଭବନ

### ସରକାରୀ ମିଶନ ଫେଲ
### ପଥର ହୋଇଗଲାଣି ସିମେଣ୍ଟ ବସ୍ତା

ଖଇରା, ୧୨।୭(ଉତ୍କଳବନ୍ଧୁ ପଣ୍ଡା)

ମହିଳାମାନଙ୍କୁ ସ୍ୱାବଲମ୍ବୀ କରିବା, ସେମାନଙ୍କୁ ରୋଜଗାର ପନ୍ଥା ଯୋଗାଇଦେବା ସହ ସେମାନଙ୍କୁ ରାଜ୍ୟ ପ୍ରଗତିରେ ଅଂଶୀଦାର ଭାବେ ବିବେଚିତ କରାଯାଇ ସେମାନଙ୍କ ପାଇଁ ସରକାର ବଜେଟରେ ମୋଟା ଅଙ୍କର ଅର୍ଥ ବ୍ୟୟବରାଦ କରୁଛନ୍ତି। ମହିଳା ଗୋଷ୍ଠୀର ବୈଠକ, ଆଗାମୀ କାର୍ଯ୍ୟକ୍ରମ ରୂପରେଖ ପ୍ରସ୍ତୁତି ପାଇଁ ଆବଶ୍ୟକତା ଦୃଷ୍ଟିରୁ ସ୍ୱତନ୍ତ୍ର ଗୃହ ନିର୍ମାଣ ପାଇଁ ସରକାର ଅର୍ଥ ଯୋଗାଇ ଦେଉଛନ୍ତି। ହେଲେ ଠିକାଦାର ଓ ଯନ୍ତ୍ରୀ ଏହାକୁ ଗୁରୁତର ସହ ନେଉ ନ ଥିବାରୁ ସରକାରଙ୍କ ଏଭଳି ମିଶନ ଅଧିକାଂଶ ସ୍ଥାନରେ ଫେଲ୍ ହେବାକୁ ବସିଲାଣି । ଏହି ଫେଲ୍ ତାଲିକାରେ ଅନ୍ତର୍ଭୁକ୍ତ ହୋଇ ଯାଇଛି ଖଇରାରେ ନିର୍ମାଣାଧୀନ ମିଶନଶକ୍ତି ଭବନ। ତୁରନ୍ତ ଉକ୍ତ ଭବନ ନିର୍ମାଣକୁ ସମ୍ପୂର୍ଣ୍ଣ କରିବାକୁ ବିଭିନ୍ନ ପଞ୍ଚାୟତର ଥିବା ମହାସଂଘର କର୍ମକର୍ତ୍ତାମାନେ ଦାବି କରିଛନ୍ତି ।


ଅସମ୍ପୂର୍ଣ୍ଣ ମିଶନ ଶକ୍ତି ଭବନ।

ଖଇରାରେ ବିଭିନ୍ନ ମହିଳା ଗୋଷ୍ଠୀଙ୍କ କର୍ମକୁଶଳତା ତଥା ସେମାନଙ୍କ କାର୍ଯ୍ୟକୁ ପ୍ରୋତ୍ସାହିତ କରିବାକୁ ଏକ ଗୃହର ଆବଶ୍ୟକତା ପଡିବା ପରେ ଖଇରା ବ୍ଲକ ପରିସରରେ ଏକ ଭବନ ନିର୍ମାଣ ପାଇଁ ପାଖାପାଖି ୩୫ଲକ୍ଷ ଟଙ୍କା ପ୍ରଦାନ କରାଯାଇଥିଲା । ୨୦୨୧ ଅକ୍ଟୋବର ୨୧ତାରିଖରେ ଏହାର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲା। ନିର୍ମାଣର ଅବଧି ୯ମାସ ଥିବା ବେଳେ ଏହା ୨୦୨୨ ଜୁନ୍ କିମ୍ବା ଜୁଲାଇରେ ଶେଷ ହେବା କଥା। ହେଲେ ବିଡମ୍ବନାର ବିଷୟ ଯେ, ଏ ପର୍ଯ୍ୟନ୍ତ ୪୦ ପ୍ରତିଶତ କାମସରିନାହିଁ । ଏଣୁ ଭବନ ସମ୍ପୂର୍ଣ୍ଣ ହେବାକୁ ନେଇ ଶହ ଶହ ମହିଳା ଗୋଷ୍ଠୀ ସନ୍ଦିହାନ ହୋଇପଡିଛନ୍ତି। ଏପରିକି ଠିକାଦାର ଘର ନିର୍ମାଣ ପାଇଁ ଆଣିଥିବା ସିମେଣ୍ଟକୁ ବେପରୁଆ ଢଙ୍ଗରେ ନିକଟସ୍ଥ କୃଷି କାର୍ଯ୍ୟାଳୟରେ ଫୋପାଡି ଚାଲିଯାଇଥିବା ବେଳେ ତେବେ ସରକାରୀ କା ମାଲ ଭଳି ଏଗୁଡିକ ପଥର ପାଲଟିଗଲାଣି । ପୂର୍ତ୍ତ ବିଭାଗ ଅଧୀନରେ ଚାଲିଥିବା ଏହି ବେପରୁଆ କାର୍ଯ୍ୟ ପ୍ରତି କୌଣସି ଅଧିକାରୀଙ୍କ ନିଘା ନ ଥିବା ଅଭିଯୋଗ ହୋଇଛି। ଏନେଇ ବିଭିନ୍ନ ବୈଠକରେ ଆଲୋଚନା ହେଉଥିଲେ ଯନ୍ତ୍ରୀ କି ଠିକାଦାର ଗୁରୁତ୍ୱ ଦେଉ ନ ଥିବା ଅଭିଯୋଗ ହୋଇଛି । ଏ ସମ୍ପର୍କରେ ସହକାରୀ ଯନ୍ତ୍ରୀ ଜ୍ୟୋତିପ୍ରକାଶ ପଣ୍ଡାଙ୍କୁ ପଚରାଯିବାରୁ କିଛି ସମସ୍ୟା ପାଇଁ ଠିକାଦାର କାର୍ଯ୍ୟ ବନ୍ଦ ରଖିଥିଲେ। ତୁରନ୍ତ ସାରିବାକୁ ନିର୍ଦ୍ଦେଶ ଦିଆଯାଇଥିବା କହିଛନ୍ତି।

# ଜେଏମ୍ଏମ୍‌ର ବିକ୍ଷୋଭ



ବିକ୍ଷୋଭ ପ୍ରଦର୍ଶନ କରୁଥିବା ଜେଏମ୍ଏମ୍ ନେତା ଓ କର୍ମୀମାନେ।

ରାଇରଙ୍ଗପୁର,୧୨।୭(ମାନସ ମହାନ୍ତି/ମନୋରଞ୍ଜନ ତିରିଆ)

କେନ୍ଦ୍ର ସରକାରଙ୍କ ସମାନ ନାଗରିକ ଆଇନ (ୟୁ.ସି.ସି) ପ୍ରସ୍ତାବ ବିରୋଧରେ ମଙ୍ଗଳବାର ରାଇରଙ୍ଗପୁରସ୍ଥିତ ବାମନଘାଟି ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚା (ଜେଏମ୍ଏମ୍) ଦଳ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏନେଇ ଜେଏମ୍ଏମର କର୍ମକର୍ତ୍ତାମାନେ ରାଇରଙ୍ଗପୁର ଉପଜିଲାପାଳ ସରୋଜ କୁମାର ଦାଶଙ୍କୁ ଭେଟି ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଥିଲେ। ଏହି ବିକ୍ଷୋଭରେ ଜେଏମ୍ଏମ୍ ନେତା ସୁନିଲ ମାଝୀ, ଘନଶ୍ୟାମ ପିଙ୍ଗୁଆ, ସନାତନ ମୁଣ୍ଡା, ମଦନ ମାରାଣ୍ଡିଙ୍କ ନେତୃତ୍ୱରେ ଶତାଧିକ ମହିଳା ଏବଂ ଯୁବ କର୍ମୀ ସାମିଲ ଥିଲେ।

# ଗୁଣାତ୍ମକ ବିଦ୍ୟାଳୟରେ ପ୍ରତିଭା ପୂଜନ



ଶିକ୍ଷକ ଗୌରହରି ପ୍ରହରାଜଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ରୂପସା, ୧୨।୭(ବାଞ୍ଛାନିଧି ଦେ)

ବାଲେଶ୍ୱର ସଦର ବ୍ଲକ ଅଧୀନ ରୂପସାସ୍ଥିତ ବୀଣାପାଣି ଶିଶୁ ମନ୍ଦିର ପରିସରରେ ଅଗ୍ରଣୀ ଶିକ୍ଷାନୁଷ୍ଠାନ ମାନବୀୟ ଗୁଣାତ୍ମକ ଶିକ୍ଷା ବିଷୟକ ମୁକ୍ତ ବିଦ୍ୟାଳୟ ଆନୁକୂଲ୍ୟରେ ପ୍ରତିଭା ପୂଜନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଆଚାର୍ଯ୍ୟ ଶମ୍ଭୁନାଥ ବେହେରା ଉତ୍ସବରେ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ପିଞ୍ଛାବଣିଆ ଗୁରୁକୁଳ ଆଶ୍ରମର ସଞ୍ଚାଳକ ଆଚାର୍ଯ୍ୟ ବିଜୟ ଜୀ ଯୋଗଦେଇ ଛାତ୍ରୀଛାତ୍ରଙ୍କ ଅନ୍ତର୍ନିହିତ ପ୍ରତିଭା ବିକାଶ ପାଇଁ ଗୁରୁଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ଏହି ଅବସରରେ ବିଦ୍ୟାଳୟର ଆଦର୍ଶ ଶିକ୍ଷା ଗୁରୁ ପଣ୍ଡିତ ଗୌରହରି ପ୍ରହରାଜଙ୍କୁ ବୁ ମାନପତ୍ର ଓ ଉତ୍ତରୀୟ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ବିଦ୍ୟାଳୟ ପ୍ରତିଷ୍ଠାତା ଅଧ୍ୟାପକ ତାପସ କୁମାର ପଣ୍ଡା ସ୍ୱାଗତ ଭାଷଣ ପ୍ରଦାନ କରିବା ସହ ପଣ୍ଡିତ ଗୌରହରି ପ୍ରହରାଜଙ୍କ କର୍ତ୍ତବ୍ୟନିଷ୍ଠ ଶିକ୍ଷାଦାନ ଓ ଜୀବନଶୈଳୀର ଭୂୟସୀ ପ୍ରଶଂସା କରିଥିଲେ। ଉପଦେଷ୍ଟା ନିତ୍ୟାନନ୍ଦ ପଟ୍ଟନାୟକ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ। ଆରତୀ ଗୁରୁମା ଅତିଥି ପରିଚୟ ପ୍ରଦାନ କରିଥିଲେ।

# ଆବାସ ଯୋଜନା ହେରଫେର ଅଭିଯୋଗ


କଂଗ୍ରେସ ପକ୍ଷରୁ ବିଡିଓ ଶଙ୍କର କୁମାର ପଟ୍ଟନାୟକଙ୍କୁ ଦାବିପତ୍ର ଦିଆଯାଉଛି।

### ଆନ୍ଦୋଳନ ଡାକରା ଦେଲା କଂଗ୍ରେସ

ଭୋଗରାଇ, ୧୨।୭(ପ୍ରଦୀପ ଦାସ)

ବାଲେଶ୍ୱର ଜିଲା ଭୋଗରାଇ ବ୍ଲକରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ବ୍ୟାପକ ହେରଫେର ହୋଇଥିବା ଅଭିଯୋଗ ହୋଇଛି । ଯୋଗ୍ୟ ହିତାଧିକାରୀଙ୍କୁ ଆବାସ ଯୋଜନାରୁ ବଞ୍ଚିତ କରାଯାଇ ଅଯୋଗ୍ୟ ହିତାଧିକାରୀଙ୍କୁ ଶାସକ ଦଳନେତା ଓ ବ୍ଲକ ବିଭାଗୀୟ ଅଧିକାରୀଙ୍କ ସଲାସୁତୁରାରେ ଦଳୀୟ ସମର୍ଥକଙ୍କୁ ଆବାସ ଯୋଜନା ବଣ୍ଟନ କରାଯାଉଥିବାରୁ ଭୋଗରାଇ କଂଗ୍ରେସ ଏଣିକି ଚୁପ୍ ହୋଇ ବସିବ ନାହିଁ। ସରକାରଙ୍କ ଏଭଳି ଗରିବ ମାରଣ ନୀତି ଓ ପାତରଅନ୍ତର ପ୍ରତିବାଦରେ ଆସନ୍ତା ୧୯ରୁ ଭୋଗରାଇ କଂଗ୍ରେସ ଶାଖା ପକ୍ଷରୁ ବ୍ଲକ ସମ୍ମୁଖରେ ବୃହତ୍ତର ଗଣଆନ୍ଦୋଳନ କରାଯିବ ବୋଲି କଂଗ୍ରେସ ନେତାମାନେ ବୁଧବାର ଜଳେଶ୍ୱରପୁରସ୍ଥିତ କଂଗ୍ରେସ ଭବନଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଚେତାବନୀ ଦେଇଛନ୍ତି। ରାଜ୍ୟରେ ନବୀନ ପଟ୍ଟନାୟକଙ୍କ ସରକାର ଦୁର୍ନୀତିର ବାରୁଦ ଗଦା ଉପରେ ଉପନୀତ ହୋଇଥିବା ବେଳେ ତାଙ୍କ ସରକାରଙ୍କ ଦ୍ୱାରା ନୂତନ ଭାବେ ଘୋଷିତ ହୋଇଥିବା ୪ ହଜାର କୋଟି ଟଙ୍କାର ନୂଆ ଯୋଜନା ଆସନ୍ନ ନିର୍ବାଚନ ଖର୍ଚ୍ଚ ନିମନ୍ତେ ବିଜେଡି ଦଳୀୟ ପାଣ୍ଠିକୁ ଖର୍ଚ୍ଚ କରିବା ପାଇଁ ଦିଆଯାଇଛି ବୋଲି କଂଗ୍ରେସ ନେତାମାନେ ଅଭିଯୋଗ କରିଛନ୍ତି । ଏବେଠୁ ଦଳୀୟ ପତାକା ତଳେ ଏକ ହୋଇ ରାଜ୍ୟ ଓ କେନ୍ଦ୍ର ସରକାର ଭ୍ରଷ୍ଟାଚାର ବିରୋଧରେ ଐକ୍ୟବଦ୍ଧ ଗଣଆନ୍ଦୋଳନ ଗଢି ତୋଳିବାକୁ ଜନସାଧାରଣଙ୍କୁ କଂଗ୍ରେସ ନେତା ସତ୍ୟଶିବ ଦାସ, ଆଶିଷ କୁମାର ପାତ୍ର, ସନ୍ତୋଷ କୁମାର ଜେନା, ଗୋପବନ୍ଧୁ ମହାପାତ୍ର, ଦୀପେଶ ଚନ୍ଦ୍ର ରାୟ, ଶିଶିର ଦାସ ମହାପାତ୍ର, ସୁମନ୍ତ ବେହେରା, ମମତା ସାହୁ, ରାଜେନ୍ଦ୍ର ପଣ୍ଡା, ରାଜକିଶୋର ନାୟକ, ରାଜେନ୍ଦ୍ର ଦଳାଇ ପ୍ରମୁଖ ଆହ୍ୱାନ ଦେଇଥିଲେ। ପରେ କଂଗ୍ରେସର ଏକ ପ୍ରତିନିଧି ଦଳ ବିଭିନ୍ନ ଦାବି ନେଇ ଭୋଗରାଇ ବିଡ଼ିଓ ଶଙ୍କର କୁମାର ପଟ୍ଟନାୟକଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ।

# ଜନବସତିରେ ପଶିଲା ହାତୀ, ଭାଙ୍ଗିଲା ଘର

ବେତନଟୀ, ୧୨।୭(ଧରଣୀଧର ମହାନ୍ତି)

ବେତନଟୀ ବନାଞ୍ଚଳ ଅଧୀନ ଶଗଡ଼ଭଙ୍ଗା ଜଙ୍ଗଲରେ ତିନିଦିନ ହେଲା ଏକ ଦନ୍ତାହାତୀ ପ୍ରବେଶ କରିଛି। ଏହି ହାତୀ ବେତନଟୀ ବଜାର, ମହୁଲିଆ ଓ ଇନ୍ଦିରା ନଗରକୁ ଲାଗିଥିବା କିଛି ଅଞ୍ଚଳରେ ପ୍ରବେଶ କରି ଆତଙ୍କ ସୃଷ୍ଟି କରିଛି। ବୁଧବାର ସକାଳୁ ଦନ୍ତାହାତୀଟି ଇନ୍ଦିରା ନଗରରେ ପ୍ରବେଶ କରି ମୁଶୁ ହେମ୍ବ୍ରମଙ୍କ ଘର ଭାଙ୍ଗି ଦେଇଛି। ପ୍ରାଣ ଭୟରେ ମୁଶୁ ଓ ତାଙ୍କ ପରିବାର ଲୋକ ଘର ଛାଡି ପଳାଇ ଯାଇଥିଲେ। ସେହିଭଳି ଏକ ବାଇକରେ ଦୁଇ ଜଣ ଯୁବକ ରାସ୍ତାରେ ଆସୁଥିବା ବେଳେ ହାତୀ ହାବୁଡ଼ରେ ପଡ଼ିଯାଇଥିଲେ। ସେମାନେ ବାଇକ ଛାଡି ପଳାଇଯିବାରୁ ଅଳ୍ପ ବର୍ତ୍ତି ଯାଇଥିଲେ।

# ୪ ଦଫା ଦାବି ନେଇ ଅଧ୍ୟାପକଙ୍କ ବିକ୍ଷୋଭ

ବାରିପଦା, ୧୨।୭(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ରାଜ୍ୟ ନିଖିଳ ଓଡ଼ିଶା ୬୬୨(+୨ ଓ +୩)ବେସରକାରୀ ଅନୁଦାନ ପ୍ରାପ୍ତ ଅଧ୍ୟାପକ ଓ କର୍ମଚାରୀ ସଂଘ ମୟୂରଭଞ୍ଜ ଜିଲା ଶାଖା ପକ୍ଷରୁ ୪ଦଫା ଦାବି ନେଇ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଆସନ୍ତା ୨୦ ତାରିଖ ମଧ୍ୟରେ ଦାବି ପୂରଣ ନ ହେଲେ ସଂଘର ନିଷ୍ପତ୍ତି ଅନୁଯାୟୀ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଚେତାବନୀ ଦିଆଯାଇଛି। ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବି ପତ୍ର ଜିଲାପାଳଙ୍କ ଜରିଆରେ ପ୍ରଦାନ କରାଯାଇଛି। ଦାବି ଗୁଡିକ ମଧ୍ୟରେ ସମାନ ଗ୍ରେଡ ପେକୁ ସମାନ ଦରମା ପ୍ରଦାନ, ସମସ୍ତଙ୍କୁ ପେନସନ ଓ ଅବସରକାଳୀନ ରାଶି ପ୍ରଦାନ,ବିଭିନ୍ନ ଅସଙ୍ଗତିରେ ବାଦ ପଡିଥିବା କର୍ମଚାରୀଙ୍କୁ ଦରମା ପ୍ରଦାନ କରିବା ନେଇ ଦାବିପତ୍ରରେ ଉଲ୍ଲେଖ ରହିଛି । ଜିଲା ସଂଘର ସଭାପତି ଡ. ଅସୀମା ସାହୁ, ରାଜ୍ୟ ଉପ ସଭାପତି ସଂଗ୍ରାମ କେଶରୀ ମଲ୍ଲିକ, ଗୁଣାକର ଦାଶ,ମନୋଜ କୁମାର ସାହୁ, ଗୋପୀନାଥ ବିଶ୍ୱାଳ,ଚନ୍ଦ୍ର ଶେଖର ମହାନ୍ତ, ଲିପି ରେଖା ପଣ୍ଡା, ଦୁର୍ଗା ଶଙ୍କର ଗାନ୍ଧୀ, ଅଶୋକ କୁମାର ସାହୁ,ସୁଧାଂଶୁ ମଙ୍ଗରାଜ,ଗିରିଜା ଶଙ୍କର ପ୍ରଧାନଙ୍କ ନେତୃତ୍ୱରେ ଅଧ୍ୟାପକ ଅଧ୍ୟାପିକାମାନେ ବିକ୍ଷୋଭରେ ସାମିଲ ଥିଲେ।

# ସାହିତ୍ୟ, ସାମ୍ବାଦିକତା ମୁଦ୍ରାର ଦୁଇଟି ପାର୍ଶ୍ୱ

ଭଦ୍ରକ,୧୨।୭(ରବିନାରାୟଣ ଖିଲାର)

ଭଦ୍ରକ ସାହିତ୍ୟ ସଂସ୍କୃତି ପରିଷଦ ପକ୍ଷରୁ ମହେନ୍ଦ୍ର ଭବନଠାରେ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ପରିଷଦର ସମ୍ପାଦକ ପ୍ରଫେସର ଡ. ଶଶଧର ଦାସଙ୍କ ଆବାହକତ୍ୱରେ ଗଣମାଧ୍ୟମ ପ୍ରତିନିଧିମାନେ ଯୋଗଦେଇ ସାହିତ୍ୟ ଓ ସାମ୍ବାଦିକତା ବିଷୟରେ ଭାବ ବିନିମୟ କରିଥିଲେ। ସମ୍ମିଳନୀର ଆୟୋଜନ ଓ ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ଦେବା ପ୍ରସଙ୍ଗରେ ଦୀର୍ଘଦିନ ଧରି ଭଦ୍ରକରେ ସାହିତ୍ୟ ଓ ସାମ୍ବାଦିକତା ଗୋଟିଏ ମୁଦ୍ରାର ଦୁଇ ପାର୍ଶ୍ୱ ଭଳି ହାତ ଧରାଧରି ହୋଇ ଚାଲିଆସିଛନ୍ତି ବୋଲି ସମ୍ପାଦକ କହିଥିଲେ। ମହାବାତ୍ୟାରେ କ୍ଷତିଗ୍ରସ୍ତ ଶହୀଦ ସ୍ମୃତି ଭବନର ମରାମତି କାର୍ଯ୍ୟ ପାଇଁ ଉକ୍ତ ଭବନର ଉଭୟ ପାର୍ଶ୍ୱରେ ଥିବା ଭଦ୍ରକ ପ୍ରେସ୍ କ୍ଲବ ଓ ସାହିତ୍ୟ ସଂସ୍କୃତି ପରିଷଦର କୋଠରୀକୁ ପୌର ପରିଷଦ ନିଜ ହାତକୁ ନେଇଯାଇଥିବାରୁ ବୈଠକ ଓ ସମ୍ମିଳନୀ କରିବାରେ ବହୁ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଏଣୁ ଜିଲା ପ୍ରଶାସନ ଓ ପୌର ପରିଷଦ ଉଭୟ ଅନୁଷ୍ଠାନକୁ ତାଙ୍କର କୋଠରୀ ଦୁଇଟି ପୁନର୍ବାର ଫେରାଇ ଦେବାକୁ ଡ. ଦାସ ଦାବି କରିଥିଲେ। ଏଥିସହ ଆସନ୍ତା ୧୫ ତାରିଖ ପୂର୍ବାହ୍ନ ୧୦.୩୦ ସମୟରେ ସଂସ୍କୃତିଭବନଠାରେ ତାଙ୍କ ଦ୍ୱାରା ରଚିତ ଜୀବନାଲେଖ୍ୟ ‘ସମୟର ସୂଚିପତ୍ର’ ସାହିତ୍ୟ ସଂସ୍କୃତି ପରିଷଦ ପକ୍ଷରୁ ଉନ୍ମୋଚିତ ହେବ ବୋଲି ସୂଚନା ଦେଇଥିଲେ। ସମ୍ମିଳନୀରେ ପରିଷଦର ଅନ୍ୟତମ ଉପସଭାପତି ପ୍ରଫେସର ଡ. ସୋମା ଚାନ୍ଦ, ଭଦ୍ରକର ଗୌରବୋଜ୍ଜ୍ୱଳ ଅତୀତ ସାହିତ୍ୟିକ ବିଭବ ଓ ସାଂସ୍କୃତିକ ମହାନତା ସମ୍ପର୍କରେ ବହୁ ଉପାଦେୟ ପ୍ରସଙ୍ଗର ଅବତାରଣା କରିଥିଲେ। ଖବରଦାତା ନିହାର ଦାସ, ପ୍ରମୋଦ ରାୟ, ରବି ନାରାୟଣ ଖିଲାର, ନରେନ୍ଦ୍ର ସାମଲ, ଅଶୋକ ନାୟକ, ଡ. ହରିହର ନାୟକ, ସତ୍ୟଭୂଷଣ ସ୍ୱାମୀ, ଅଜୟ ପଣ୍ଡା, ଶୁଭ୍ରକାନ୍ତ ରାଉତରାୟ, ଶୁଭଦୀପ ମଲ୍ଲିକ ପ୍ରମୁଖ ଅଂଶଗ୍ରହଣ କରିଥିଲେ।


ସାହିତ୍ୟ ସଂସ୍କୃତି ପରିଷଦ ସମ୍ପାଦକ ଶଶଧର ଦାସ ଓ ଉପସଭାପତି ସୋମା ଚାନ୍ଦ।

# ଫୁଟ୍‌ପାଥରେ ଚଢ଼ିଗଲା କାଠ ବୋଝେଇ ପିକ୍ଅପ୍

### ■ଜନଗହଳି ଟ୍ରାଫିକରେ ବ୍ରେକ୍ ଫେଲ୍
### ■ଅଳ୍ପକେ ବର୍ତ୍ତିଲେ ଲୋକେ, ବ୍ୟବସାୟୀ

କେନ୍ଦୁଝର,୧୨।୭(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଟାଉନ ଥାନା ଅନ୍ତର୍ଗତ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ ଟ୍ରାଫିକ ଛକରେ ବୁଧବାର ଏକ ବଡ଼ ଅଘଟଣ ଟଳିଯାଇଛି। ପୂର୍ବାହ୍ନ ପ୍ରାୟ ୧୦ଟାରେ ଏକ କାଠ ବୋଝେଇ ପିକ୍ଅପ୍ ବ୍ରେକ୍ ଫେଲ୍ ହୋଇ ଫୁଟ୍‌ପାଥ୍ ଉପରେ ଚଢ଼ିଯାଇଥିଲା। ଫୁଟ୍‌ପାଥ୍‌ରେ ଆମ୍ବ ବିକିବାକୁ ବସିଥିବା ଚାଷୀ ଓ ବ୍ୟବସାୟୀମାନେ ଅଳ୍ପକେ ବର୍ତ୍ତିଯାଇଛନ୍ତି। ତେବେ ଗାଡ଼ି ଚଢ଼ିଯିବାରୁ ବହୁ ଆମ୍ବ ନଷ୍ଟ ହୋଇଯାଇଛି। ଏହି ସମୟରେ ଟ୍ରାଫିକରେ ରେଡ୍ ଲାଇଟ୍ ଥିବାରୁ ଅନେକ ଗାଡ଼ି ଅଟକି ରହିଥିଲେ। ତେବେ ଫୁଟ୍‌ପାଥ୍ ଉପରେ ନ ଚଢ଼ିଥିଲେ ଅପେକ୍ଷା କରିଥିବା, ଅନ୍ୟ ଦିଗରୁ ଯିବା ଆସିବା କରୁଥିବା ଗାଡ଼ି ଉପରେ ଚଢ଼ିଯାଇଥାଆନ୍ତା। ପ୍ରକାଶ ଯେ, କଟକ ଜିଲା ଜଗତପୁରରୁ କାଠ ବୋଝେଇ କରି ଏକ ପିକ୍ଅପ୍ ଗାଡ଼ି (ନଂ. ଓଡି୦୫ଏକେ ୯୪୫୯)ଯୋଡ଼ା ବ୍ଲକ୍ ଝୁରୁଡ଼ିକୁ ଯାଉଥିଲା। ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ ଟ୍ରାଫିକ ଛକରେ ହଠାତ୍ ଗାଡ଼ି ବ୍ରେକ୍ ଫେଲ୍ ହୋଇଯାଇଥିଲା। ତେବେ ଚାଳକ ଉପସ୍ଥିତ ବୁଦ୍ଧି ପ୍ରୟୋଗକରି ଗାଡ଼ିଟିକୁ ଫୁଟ୍‌ପାଥ୍ ଉପରେ ଚଢ଼ାଇ ଦେଇଥିଲେ। ଫଳରେ ଫୁଟ୍‌ପାଥ୍‌ରେ ବସି ଆମ୍ବ ବିକ୍ରି କରୁଥିବା ଚାଷୀ ଓ ବେପାରୀମାନେ ଧାଇଁ ପଳାଇଥିଲେ। ତେବେ ବହୁ ପରିମାଣରେ ଆମ୍ବ ନଷ୍ଟ ହୋଇଯାଇଥିବା ବେଳେ ଜଣେ ମହିଳା ବ୍ୟବସାୟୀ ଆହତ ହୋଇଛନ୍ତି। ପୋଲିସ ପହଞ୍ଚି ଗାଡ଼ି ଜବତକରି ଘଟଣାର ତଦନ୍ତ କରୁଛି। ଅନ୍ୟପକ୍ଷରେ ଲୋଡ୍‌ଥିବା କାଠର କାଗଜପତ୍ରକୁ ନେଇ ବନ ବିଭାଗ ଯାଞ୍ଚ କରୁଛି। ଗାଡ଼ି ଜବତକରି ତଦନ୍ତ ଚାଲିଛି ବୋଲି ଟାଉନ ଥାନା ଅଧିକାରୀ ସୁନୀଲ କର କହିଛନ୍ତି। ଗତ ୩ ମାସ ହେଲା ବେପାରୀମାନେ ଏହି ଛକରେ ଆମ୍ବ ବିକ୍ରି କରୁଥିବାରୁ ଅନେକ ସମୟରେ ଟ୍ରାଫିକ ସମସ୍ୟା ସୃଷ୍ଟି କରୁଛି। ପୌରପାଳିକାର କାର୍ଯ୍ୟାନୁଷ୍ଠାନ ହେଉ ନ ଥିବାରୁ ଫୁଟ୍‌ପାଥ ଉପରେ ବେପାରୀମାନେ କାରବାର କରୁଛନ୍ତି।


ଦୁର୍ଘଟଣାଗ୍ରସ୍ତ ପିକ୍ଅପ୍।

# ଅସୁରକ୍ଷିତ ବ୍ୟବସାୟୀ

କେନ୍ଦୁଝର,୧୨।୭(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ସହରରେ ଥିବା ଫୁଟ୍‌ପାଥକୁ କେତେଜଣ ଦୋକାନୀ ଓ ବ୍ୟବସାୟୀଙ୍କ ଦଖଲରେ ରହିଛି। ଅସୁରକ୍ଷିତ ଭାବେ ବ୍ୟବସାୟ କରୁଥିବା ବେଳେ ଟ୍ରାଫିକ ଜାମ୍ ହୋଇ ସମସ୍ୟା ସୃଷ୍ଟି ହେଉଛି। ଜିଲା ମୁଖ୍ୟାଳୟରେ ମାତ୍ର ୧ କି.ମି. ପରିସୀମା ଅଞ୍ଚଳରେ ମୁଖ୍ୟ ରାସ୍ତା, ଏସ୍‌ପି ଅଫିସ ଓ ପିଡ୍‌ବ୍ଲୁଡି ରାସ୍ତା କଡ଼ରେ ଥିବା ଫୁଟ୍‌ପାଥକୁ ଜବରଦଖଲ ମୁକ୍ତ କରିବା ସହ ଟ୍ରାଫିକ ସମସ୍ୟା ଦୂର କରାଯାଇ ପାରୁ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଉଛି। ପ୍ରକାଶ ଯେ, ମଣ୍ଡୁଆଠାରୁ ଗାନ୍ଧୀଛକ ପର୍ଯ୍ୟନ୍ତ ରାସ୍ତା ପ୍ରଶସ୍ତୀକରଣ ପରେ ମଝିରେ ଡିଭାଇଡର ଏବଂ ଉଭୟ ପାର୍ଶ୍ୱରେ ଡ୍ରେନ୍ ଉପରେ ଫୁଟ୍‌ପାଥ୍ କରାଯାଇଥିଲା। ଠେଲା ଦୋକାନୀଠାରୁ ଆରମ୍ଭକରି ପନିପରିବା, ଫଳ, ଖଲିପତ୍ର, ଜୋତା ଦୋକାନ, ବାଦାମ ଦୋକାନ, ବାରମଜା ଦୋକାନୀ, ଜଳଖିଆ ଦୋକାନ ସହ ଅଜନ୍ତା ଲଜ୍ ନିକଟରେ ଟ୍ରଲି ଛିଡ଼ାହୋଇ ରହୁଥିବାରୁ ଫୁଟ୍‌ପାଥ ଜବରଦଖଲ ହୋଇଛି। ବିଶେଷକରି ରବିବାର ଅଧିକ ଟ୍ରାଫିକ୍ ସମସ୍ୟା ଦେଖାଦେଉଥିବାବେଳେ ରାସ୍ତାକଡ଼ରେ ମଧ୍ୟ ଅସ୍ଥାୟୀ ଦୋକାନୀ ବସି ବ୍ୟବସାୟ କରୁଛନ୍ତି। କେନ୍ଦୁଝରଗଡ଼ ପୌରପାଳିକାର ମୁଖ୍ୟ ସହାୟକ ଦୀପକ ବେହେରା କହିଥିଲେ, ପୋଲିସ ସହାୟତାରେ ଯୁଗ୍ମ ଭାବେ ଜବରଦଖଲ ମୁକ୍ତ କରାଯିବ। ଏ ନେଇ ଟାଉନ ଥାନା ଅଧିକାରୀ ସୁନୀଲ କର କହିଛନ୍ତି, ପୌରପାଳିକାକୁ ଉଚ୍ଛେଦ ପାଇଁ ଆବଶ୍ୟକ ପୋଲିସ ଫୋର୍ସ ଯୋଗାଇ ଦିଆଯିବ।


ଫୁଟ୍‌ପାଥ୍‌ରେ ବସି ବ୍ୟବସାୟ କରୁଥିବା ଚାଷୀ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ୧୩ ଜୁଲାଇ, ୨୦୨୩

## ଟ୍ରେଲର ଧକ୍କାରେ ବାଇକ୍ ଆରୋହୀ ମୃତ

ରାଇରଙ୍ଗପୁର,(ମାନସ ମହାନ୍ତି): ମୟୂରଭଞ୍ଜ ଜିଲା ବହଳଦା ଥାନା ଅନ୍ତର୍ଗତ ବହଳଦା ପେଟ୍ରୋଲ ପମ୍ପ ସ୍ଥିତ ୨୨୦ନଂ. ଜାତୀୟ ରାଜପଥରେ ବୁଧବାର ସକାଳେ ଟ୍ରେଲର ଧକ୍କାରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ତିରିଂ ଥାନା ଅନ୍ତର୍ଗତ ସାନ ଗାଗାରା ଗ୍ରାମର ରେଙ୍ଗା ଟୁଡୁ। ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।



## ସଂକ୍ଷେପରେ

### ୧୫ ଲକ୍ଷ ଟଙ୍କାର କାଠ, ଯନ୍ତ୍ରାଂଶ ଜବତ

ସ'ମିଲ୍‌ରେ ବନ ବିଭାଗ ଭିଜିଲାନ୍ସର ଚଢ଼ାଉ

ଧାମନଗର,୧୨।୭(ଦେବେନ୍ଦ୍ର ଆଦିଆ/ସନ୍ତୋଷ କୁମାର ମହାପାତ୍ର)- ଭଦ୍ରକ ଜିଲା ଧାମନଗର ରେଞ୍ଜ ଅଧୀନ ଧାମନଗର ବଜାର ଓ ଛକ ଅଞ୍ଚଳରେ ବେଆଇନ କରତକଳ ନିତିଦିନ ଚାଲିଛି। ବନ ବିଭାଗର ବାଲେଶ୍ୱର ଓ କଟକ ଭିଜିଲାନ୍ସ ଟିମ୍ ବୁଧବାର ଧାମନଗର ରେଞ୍ଜର ଆନନ୍ଦପୁର ପଞ୍ଚାୟତ ଅନ୍ତର୍ଗତ ଉତେଇପୁର୍ ଓ ଦାଣ୍ଡକୁଳଠାରେ ଚାଲିଥିବା ବେଆଇନ ସ' ମିଲ ଉପରେ ଚଢ଼ାଉ କରିଥିଲେ। ଏହି ଚଢାଉରେ କଟକ ଭିଜିଲାନ୍ସ ଡିଏଫଓ ରଜନୀକାନ୍ତ ମହାନ୍ତି,ବାଲେଶର ଭିଜିଲାନ୍ସ ଏସିଏଫ୍ ତପନ ପରିଡ଼ା, ବିବେକାନନ୍ଦ ଜେନା, ଭଦ୍ରକ ରେଞ୍ଜର ପୀତାମ୍ବର ନାୟକ, ଧାମନଗର ରେଞ୍ଜର କୁଶ ଚରଣ ସିଂ, ଭଦ୍ରକ ବନପାଳ ପ୍ରକାଶ ଦାସ, ଅମରେନ୍ଦ୍ର ନାୟକ, ଧାମନଗର ବନପାଳ ପ୍ରୀତିରାଣୀ ଦାସ, ଭଣ୍ଡାରୀପୋଖରୀ ବନପାଳ କୃଷ୍ଣଚନ୍ଦ୍ର ବାସ୍କେ, ଫରେଷ୍ଟ ଗାର୍ଡ ଓ ଧାମନଗର ପୋଲିସ, ଫୋର୍ସ ଉପସ୍ଥିତିରେ ଚଢ଼ାଉ କରିଥିଲେ। ଦୁଇଟି ମିଲରେ ଚଢ଼ାଉ ପରେ ବନ ବିଭାଗ ପ୍ରାୟ ୧୫ ଲକ୍ଷ ଟଙ୍କା ମୂଲ୍ୟର କାଠ ଓ ଯନ୍ତ୍ରାଂଶ ଜବତ କରି ଧାମନଗର ରେଞ୍ଜ କାର୍ଯ୍ୟାଳୟକୁ ନେଇଛି। ଏନେଇ ଧାମନଗର ରେଞ୍ଜ ପକ୍ଷରୁ ମାମଲା ରୁଜୁ ହୋଇଛି। ଏହି ଘଟଣାରେ କାହାରିକୁ ଗିରଫ କରାଯାଇ ନାହିଁ।

### ୮ ଦିନ ପରେ ଆଖି ବୁଜିଲେ ମହିଳା

ଖଇରା, ୧୨।୭(ଉତ୍କଳବନ୍ଧୁ ପଣ୍ଡା)-ଏକ ଟ୍ରକ ଧକ୍କାରେ ଗୁରୁତର ହୋଇ ଭୁବନେଶ୍ୱରର ଏକ ଘରୋଇ ହସ୍‌ପିଟାଲରେ ଚିକିତ୍ସାଧୀନ ଥିବା ଖଇରା ଥାନା କୁରୁଣ୍ଟା ଗ୍ରାମର ଲକ୍ଷ୍ମୀପ୍ରିୟା ପାଢ଼ୀ(୫୧) ସୋମବାର ରାତିରେ ଆଖିବୁଜିଛନ୍ତି। ଏନେଇ ଖଇରା ଥାନାରେ ଏକ ମାମଲା(ନଂ. ୨୨୩/୨୩) ରୁଜୁ କରାଯାଇଛି। ୩ ତାରିଖରେ ଲକ୍ଷ୍ମୀପ୍ରିୟା ଔପଦା ଦନ୍ତୁର ଗ୍ରାମର ସମ୍ପର୍କୀୟଙ୍କ ଘରୁ କାମ ସାରି ସ୍ୱାମୀ ଗଜେନ୍ଦ୍ରଙ୍କ ବାଇକରେ ବସି ସୋର-କୁପାରୀ ରାସ୍ତାରେ କୁରୁଣ୍ଟା ଫେରୁଥିଲେ। ଦେଉଳ ଛକରେ ଥିବା ରାଇସ୍ ମିଲ ନିକଟରେ ଏକ ଟ୍ରକ(ନଂ. ୦୨ଏ୨-୯୯୧୬) ଦ୍ରୁତଗତିରେ ପଛରୁ ଆସି ବିନା ଇଣ୍ଡିକେଟରେ ମିଲ ଭିତରକୁ ପଶିଯିବା ଯୋଗୁଁ ଗଜେନ୍ଦ୍ରଙ୍କ ବାଇକ ଟ୍ରକ ଡାଲାରେ ବାଡେଇଥିଲା। ଲକ୍ଷ୍ମୀପ୍ରିୟା ଗୁରୁତର ହୋଇ ପଡିଥିବା ବେଳେ ଗଜେନ୍ଦ୍ର ମଧ୍ୟ ଆହତ ହୋଇଥିଲେ। ଲକ୍ଷ୍ମୀପ୍ରିୟାଙ୍କୁ ପ୍ରଥମେ ସୋର,ପରେ କଟକ ବଡ ମେଡିକାଲ ଏବଂ ଆସିୟୁରେ ସ୍ଥାନ ନମିଳିବାରୁ ଭୁବନେଶ୍ୱରର ଏକ ଘରୋଇ ହସପିଟାଲକୁ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଥିଲା। ମଙ୍ଗଳବାର ଶବ ପହଞ୍ଚିବା ପରେ କୁରୁଣ୍ଟା ଗ୍ରାମରେ ଶୋକର ଛାୟା ଖେଳି ଯାଇଛି।

### ନାବାଳିକା ଅପହରଣ ଅଭିଯୋଗରେ ଯୁବକ ଗିରଫ

ସୋର, ୧୨।୭(ଜନ୍ମେଜୟ ମିଶ୍ର)-ନୀଳଗିରି ଥାନା ବରଡ଼ାଡିହ ଗ୍ରାମର ଜଣେ ନାବାଳିକାଙ୍କୁ ଅପହରଣ ଅଭିଯୋଗରେ ସୋର ପୋଲିସ ଶିଙ୍ଗାଖୁଣ୍ଟା ପଞ୍ଚାୟତ ଶିମୁଳିପାଟଣା ଗ୍ରାମର ଜଣେ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଉକ୍ତ ଯୁବକ ହେଲେ ଶିମୁଳିପାଟଣା ଗ୍ରାମର ମାନସ କୁମାର ସାମଲ (୧୮)। ସେ ଗତ ଜୁନରେ ଅପହରଣ କରିନେଇଥିବା ଜୁଲାଇ ୧୦ ତାରିଖରେ ନାବାଳିକାଙ୍କ ବାପା ସୋର ଥାନାରେ ଅଭିଯୋଗ କରିଥିଲେ। ସୋର ପୋଲିସ ଏକ ମାମଲା (ନଂ. ୪୦୨/୨୩) ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ଗତ ମଙ୍ଗଳବାର ରାତିରେ ସୋର ପୋଲିସ ନାବାଳିକାଙ୍କ ସହ ମାନସଙ୍କୁ ଶିମୁଳିପାଟଣା ଗ୍ରାମରୁ ଉଦ୍ଧାର କରି ଥାନାକୁ ଆଣିଥିଲା। ବୁଧବାର ଉଭୟଙ୍କ ଡାକ୍ତରୀ ମାଇନା ପରେ ମାନସଙ୍କୁ ଗିରଫ କୋର୍ଟ ଚାଲାଣ କରିଥିବା ବେଳେ ନାବାଳିକାଙ୍କୁ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

### ମୁକ୍ତା ଦକ୍ଷତା ବିକାଶ କାର୍ଯ୍ୟକ୍ରମ

ଚମ୍ପୁଆ,୧୨।୭(ମହେଶ୍ୱର ଦାସ): କେନ୍ଦୁଝର ଜିଲା ଚମ୍ପୁଆ ଧରଣୀଧର ନଗର ଭବନଠାରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ସୌଜନ୍ୟରେ ବିଜ୍ଞାପିତ ଅଞ୍ଚଳ ପରିଷଦ ପକ୍ଷରୁ ମୁଖ୍ୟମନ୍ତ୍ରୀ କର୍ମ ତତ୍ପର ଅଭିଯାନ (ମୁକ୍ତା) ବିଷୟରେ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଚେୟାରମ୍ୟାନ ଗିରିଜା ଶଙ୍କର ସାହୁ, ଭାଇସ ଚେୟାରମ୍ୟାନ ସୁମିତ୍ରା ବେହେରା, ପ୍ରୋଜେକ୍ଟ କୋର୍ଡିନେଟର ହେମନ୍ତ ଜେନା, ରଞ୍ଜନ ମହାକୁଡ଼, ସତ୍ୟବାନ ନାୟକ, ସମସ୍ତ କାଉନ୍‌ସିଲର ଓ ମିଶନ ଶକ୍ତି ଗ୍ରୁପର ମହିଳାମାନେ ଯୋଗଦେଇଥିଲେ। ସିଏମଏମ ଅନନ୍ତ ଚରଣ ସାହୁ ପରିଚାଳନା କରିଥିବା ବେଳେ ଅନ୍ୟମାନଙ୍କ ମଧ୍ୟରେ ସହରାଞ୍ଚଳ ଉନ୍ନୟନ ସଂସ୍ଥା ଭୁବନେଶ୍ୱରର ଦିଲୀପ ରଥ, ପଙ୍କଜ ବାରିକ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ୩ କୋଟି ୪୦ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ୭୯ଟି ପ୍ରକଳ୍ପ କାର୍ଯ୍ୟ କରାଯିବାର ପ୍ରସ୍ତାବ ରହିଛି।

## ଆହତର ଚିକିତ୍ସା ହୋଇପାରୁନି

### ଘେରି ରହିଛନ୍ତି ହାତୀପଲ

କେନ୍ଦୁଝର,୧୨।୭(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲା ଆନନ୍ଦପୁର ବନ୍ୟପ୍ରାଣୀ ଡିଭିଜନ ବ୍ରାହ୍ମଣୀପାଳ ରେଞ୍ଜ ଅନ୍ତର୍ଗତ ଶଗଡ଼ପଟା-ଟାଙ୍ଗିରିଆପାଳ ଷ୍ଟେସନ ମଧ୍ୟରେ ଟ୍ରେନ୍ ଧକ୍କାରେ ୨ ହାତୀ ମୃତ୍ୟୁ ଘଟଣାରେ ବନ ବିଭାଗ ମାମଲା ରୁଜୁ ହୋଇଛି। ଏସିଏଫ୍ ପ୍ରଫୁଲ୍ଲ କୁମାର ମଲ୍ଲିକ ଘଟଣାର ତଦନ୍ତ କରୁଛନ୍ତି। ଅନ୍ୟ ପକ୍ଷରେ ବନ ବିଭାଗ ରେଳବାଇ ବିଭାଗର କଣ୍ଟ୍ରୋଲ ରୁମ୍‌ରୁ ତଥ୍ୟ ସଂଗ୍ରହ କରିବା ସହ ପାରିପାର୍ଶ୍ୱିକ ସ୍ଥିତି ଅନୁଧ୍ୟାନ କରି ପ୍ରମାଣ ଖୋଜୁଛି। ମାତ୍ର ଦୁର୍ଘଟଣାରେ ଆହତ ହୋଇଥିବା ଅନ୍ୟ ଏକ ହାତୀର ଚିକିତ୍ସା ଅଦ୍ୟାବଧି ଆରମ୍ଭ ହୋଇନାହିଁ। ଫଳରେ ହାତୀ ପ୍ରତି ବିପଦ ବଢ଼ିବା ଆଶଙ୍କା କରାଯାଉଛି। ଅନ୍ୟପକ୍ଷେ ଏକ ମୃତହାତୀର ବ୍ୟବଚ୍ଛେଦ ବୁଧବାର କରାଯାଇଥିବା ବନ ବିଭାଗ ପକ୍ଷରୁ ସୂଚନା ମିଳିଛି।

ସୂଚନାଯୋଗ୍ୟ, କେନ୍ଦୁଝର ଜିଲା ଆନନ୍ଦପୁର ବନ୍ୟପ୍ରାଣୀ ଡିଭିଜନ ବ୍ରାହ୍ମଣୀପାଳ ରେଞ୍ଜ ଅନ୍ତର୍ଗତ ଶଗଡ଼ପଟା-ଟାଙ୍ଗିରିଆପାଳ ଷ୍ଟେସନ ମଧ୍ୟରେ ବାଲିଦାଣ୍ଡ ସାହି ନିକଟରେ ମାଲବାହୀ ଟ୍ରେନ୍ ଧକ୍କାରେ ୨ ମାଈ ହାତୀର ମୃତ୍ୟୁ ହୋଇଥିଲା। ଅନ୍ୟ ଗୋଟିଏ ହାତୀ ଆହତ ହୋଇଛି। ଆହତ ମାଈ ହାତୀଟି ରେବଣା ଜଙ୍ଗଲରେ ଛୋଟେଇ ଛୋଟେଇ ବୁଲୁଥିବା ସ୍ଥାନୀୟ ଲୋକେ ଦେଖିଛନ୍ତି। ଅନ୍ୟ ୬ ହାତୀ ତାକୁ ଜଗି ରହିଛନ୍ତି। ଏଣୁ ତାଙ୍କ ପାଖକୁ ଯାଇ ଚିକିତ୍ସା କରିବା ବନ ବିଭାଗ ପାଇଁ ବଡ଼ ଚ୍ୟାଲେଞ୍ଜ ସୃଷ୍ଟି କରିଛି। ଚିକିତ୍ସା କରା ନ ଗଲେ ପୂର୍ବ ଦୃଷ୍ଟାନ୍ତ ଅନୁଯାୟୀ ହାତୀ ଜୀବନ ପ୍ରତି ବିପଦ ସୃଷ୍ଟି ହେବ ବୋଲି ମତପ୍ରକାଶ ପାଉଛି। ହାତୀପଲ ଗତିବିଧୀ ଉପରେ ନଜର ରଖାଯାଇଛି ବୋଲି ଦୈତାରୀ ରେଞ୍ଜ ଅଧିକାରୀ ରମାକାନ୍ତ ସେଠୀ କହିଛନ୍ତି। ଏ ନେଇ ଡିଏଫ୍‌ଓ ଅଭୟ କୁମାର ଦଳେଇ କହିଛନ୍ତି, ହାତୀ ମୃତ୍ୟୁରେ ଅପମୃତ୍ୟୁ ମାମଲା (ନଂ. ୫ ଏବଂ ୬)ରେ ରୁଜୁ ହୋଇଛି। ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ପ୍ରକାଶ ଯେ, ଟ୍ରେନ୍ ଲାଇନ୍ ନିକଟ ଜଙ୍ଗଲରେ ହାତୀପଲ ଥିବା ନେଇ ମହାବିରପଶି ବିଟ୍ ଫରେଷ୍ଟ ଗାର୍ଡ କସନ ଅର୍ଡର ରେଳ ବିଭାଗକୁ ସୋମବାର ଅପରାହ୍ନ ୧ଟା ୫୩ ମିନିଟରେ ସୂଚନା ଦେଇଥିଲେ।

## ୫୪୦ ଜଣଙ୍କୁ ନିଯୁକ୍ତିପତ୍ର ଦେଲେ କେନ୍ଦ୍ରମନ୍ତ୍ରୀ




ନିଯୁକ୍ତି ପତ୍ର ଗ୍ରହଣ କରିଥିବା ଯୁବତୀଯୁବକଙ୍କ ସହ କେନ୍ଦ୍ରମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁ।

ବାରିପଦା,୧୨।୭(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ମୟୂରଭଞ୍ଜ ଜିଲାରେ ବେକାର ଶିକ୍ଷିତ ଛାତ୍ରୀଛାତ୍ରଙ୍କ ନିମନ୍ତେ କେନ୍ଦ୍ର ଆଦିବାସୀ ବ୍ୟାପାର ଓ ଜଳଶକ୍ତି ମନ୍ତ୍ରୀ ଇଂ. ବିଶ୍ୱେଶ୍ୱର ଟୁଡୁଙ୍କ ପ୍ରୟାସରେ ନିଯୁକ୍ତି ସୁଯୋଗ ସୃଷ୍ଟି କରାଯାଇଛି। ନିଜ ଅଞ୍ଚଳର ଶିକ୍ଷିତ ଯୁବତୀ ଯୁବକମାନଙ୍କୁ ରୋଜଗାରକ୍ଷମ କରିବା ଉଦ୍ଦେଶ୍ୟରେ ଜିଲାର ଦୁଇଟି ସ୍ଥାନରେ ବିଭିନ୍ନ କମ୍ପାନୀରେ ନିଯୁକ୍ତି ଦେବାକୁ ପ୍ରଚେଷ୍ଟା କରାଯଇଛି। ଏହି ପରିପ୍ରେକ୍ଷୀରେ ଜୁନ ୧୮ ଓ ୧୯ ତାରିଖରେ ରାଇରଙ୍ଗପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଏବଂ ବାରିପଦା ସ୍ଥିତ ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ ଏକ ବୃହତ ନିଯୁକ୍ତି ମେଳାର ଆୟୋଜନ କରାଯାଇଥିଲା। ଏଥିରେ ମୋଟ ୧୫୬୦ ଜଣ ଛାତ୍ରୀଛାତ୍ର ଆବେଦନ କରିଥିବା ବେଳେ ୫୪୦ ଜଣ ନିଜର ଯୋଗ୍ୟତା ଅନୁସାରେ ବିଭିନ୍ନ ଅନୁଷ୍ଠାନରେ ଚାକିରି କରିବା ପାଇଁ କମ୍ପାନୀମାନଙ୍କ ଦ୍ୱାରା ଯୋଗ୍ୟ ବିବେଚିତ ହୋଇଥିଲେ। ଏହି ଅବସରରେ ବିଶ୍ୱବିଦ୍ୟାଳୟ ପରିସରରେ କମ୍ପାନୀମାନଙ୍କ ପକ୍ଷରୁ ଯୋଗ୍ୟ ବିବେଚିତ ହୋଇଥିବା ଯୁବତୀ ଯୁବକମାନଙ୍କୁ ନିଯୁକ୍ତି ପତ୍ର ପ୍ରଦାନ କରିବା ସହିତ ସମସ୍ତଙ୍କ ଉଜ୍ଜ୍ୱଳ ଭବିଷ୍ୟତ ସହ ଉତ୍ତୋରତର ଉନ୍ନତି କାମନା କରିଥିଲେ। ଆଗାମୀ ଦିନରେ ଏହି ଭଳି ନିଯୁକ୍ତି ମେଳା ଆୟୋଜନ କରାଯିବ ଏବଂ ଆତ୍ମ ନିର୍ଭରଶୀଳ କିମ୍ବା ଦକ୍ଷତା ବିକାଶ ମାଧ୍ୟମରେ ସ୍ୱାବଲମ୍ବୀ କରାଯାଇ ଜିଲାରେ ଅଧିକରୁ ଅଧିକ ଶିକ୍ଷିତ ଯୁବତୀ ଯୁବକଙ୍କୁ ରୋଜଗାରକ୍ଷମ କରିବା ଲକ୍ଷ୍ୟ ରଖାଯାଇଥିବା କେନ୍ଦ୍ରମନ୍ତ୍ରୀ କହିଛନ୍ତି।

## ଜୁଲାଇ ୧୦ ରୁ ଅଗଷ୍ଟ ୮ ରୋଗୀ ଚିହ୍ନଟ ଅଭିଯାନ




ବୈଠକରେ ଉପସ୍ଥିତ ଅଧିକାରୀମାନେ।

### ଡେଙ୍ଗୁ ନିରାକରଣ ପାଇଁ ସମୀକ୍ଷା

ଭଦ୍ରକ, ୧୨।୭(ସନାତନ ରାଉତ)

ଡେଙ୍ଗୁ ନିରାକରଣ, ରୋଗୀ ଚିହ୍ନଟ ପାଇଁ ପରୀକ୍ଷା, ଚିକିତ୍ସା ସହିତ ସଚେତନତା ଓ ସତର୍କତା ଉଦ୍ଦେଶ୍ୟରେ ଜିଲାପାଳଙ୍କ କାର୍ଯ୍ୟାଳୟର ଓସୱାନ୍ ହଲରେ ଜିଲାସ୍ତରୀୟ ସମୀକ୍ଷା ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କ ଅଧ୍ୟକ୍ଷତାରେ ଡେଙ୍ଗୁ ଜ୍ୱରର କାରଣ ଓ ନିରାକରଣ ପାଇଁ ପରୀକ୍ଷା, ଚିକିତ୍ସା, ସଚେତନତା ଆଦି ସମ୍ବନ୍ଧରେ ଉପସ୍ଥାପନ ପରେ ଜିଲାରେ ଗ୍ରହଣ କରାଯାଇଥିବା ପଦକ୍ଷେପ ସମ୍ବନ୍ଧରେ ଜିଲାପାଳ ସମୀକ୍ଷା କରିଥିଲେ।

ଡେଙ୍ଗୁ, ମ୍ୟାଲେରିଆ, ଫାଇଲେରିଆ, ଡାଇରିଆ, ଲେପ୍ରସି ଆଦି କ୍ଷେତ୍ରରେ ସରକାରଙ୍କ ଆଭିମୁଖ୍ୟ ଥିବା ଜିରୋ କାଜୁଆଲିଟିକୁ ଆଖି ଆଗରେ ରଖି ଜୁଲାଇ ୧୦ ରୁ ଅଗଷ୍ଟ ୮ ପର୍ଯ୍ୟନ୍ତ ଘରକୁ ଘର ବୁଲି ରୋଗୀ ଚିହ୍ନଟ ଓ ଚିକିତ୍ସା ବ୍ୟବସ୍ଥା ପ୍ରଦାନ କରାଯିବ। ଏ ଦିଗରେ ସମ୍ପୃକ୍ତ ଅଧିକାରୀ, କର୍ମଚାରୀ, ଆଶା, ଅଙ୍ଗନୱାଡ଼ି କର୍ମୀମାନଙ୍କୁ କାର୍ଯ୍ୟ କରିବାକୁ ଜିଲାପାଳ ପରାମର୍ଶ ପ୍ରଦାନ କରିଥିଲେ। ଏଡ଼ିସ୍ ମଶା ଯୋଗୁ ଡେଙ୍ଗୁ ଜ୍ୱର ସୃଷ୍ଟି ହେବା, ଏହି ମଶା ସକାଳେ ଓ ସନ୍ଧ୍ୟା ପୂର୍ବରୁ କାମୁଡ଼ିବା, ସ୍ଥିର ଓ ସଫା ଜଳରେ ମଶା ବାସକରିବା, ମଶା ଜନ୍ମ ରୋକିବା ପାଇଁ ପାଣି ଜମିଲା ଭଳି ବର୍ଜ୍ୟବସ୍ତୁ, ନାଳନର୍ଦ୍ଦମା ଆଦିରେ ଜଳ ଜମିବାକୁ ନଦେବା ବିଷୟରେ ଆଲୋଚନା କରାଯାଇ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମର ସଂଯୋଜକ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସନ୍ତୋଷ ପାତ୍ରଙ୍କ ସହ ଜିଲା ମୁଖ୍ୟ ଡାକ୍ତରଖାନାର ଡିପିଏଚ୍‌ଓ ଡା. ଭାରତୀ ସାହୁ, ଏଡିଏମ୍‌ଓଏଫ୍ ଡବ୍ଲ୍ୟୁ ଡା. ଜୟନ୍ତ ପଣ୍ଡା, ଭିବିଡି ଏଡିଏମ୍‌ଓ ଡା. ମୁରଲୀ ନାୟକ ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମର ଜିଲା ସଂଯୋଜକ ସୁପ୍ରିୟା ପାଢ଼ୀ, ଡିପିଏମ୍ ସରିତା ମହାପାତ୍ର କାର୍ଯ୍ୟକ୍ରମର ଆଭିମୁଖ୍ୟ ରଖିଥିଲେ। ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଦୀପକ ପାଢ଼ୀ, ଡିଏସ୍‌ଡବ୍ଲ୍ୟୁଓ ପୁଷ୍ପଲତା ପାତ୍ର, ଜିଲାର ସମସ୍ତ ସିଏଚ୍‌ସିମାନଙ୍କର ମେଡିକାଲ ଅଫିସର ପ୍ରମୁଖ ଉପସ୍ଥିତ ରହି ମତାମତ ପ୍ରଦାନ କରିଥିଲେ।

## ବେସରକାରୀ ଅଧ୍ୟାପକ କର୍ମଚାରୀ ସଂଘର କାର୍ଯ୍ୟବନ୍ଦ ଚେତାବନୀ

କେନ୍ଦୁଝର,୧୨।୭(ଦୀପକ ମିଶ୍ର/ ନରେଶ ଚନ୍ଦ୍ର ପଟ୍ଟନାୟକ)

ନିଖିଳ ଓଡ଼ିଶା ୬୬୨ ବର୍ଗ (+୨ ଓ +୩) ବେସରକାରୀ ଅଧ୍ୟାପକ କର୍ମଚାରୀ ସଂଘ ପକ୍ଷରୁ ବୁଧବାର କେନ୍ଦୁଝର ଜିଲାର ଶତାଧିକ ଅଧ୍ୟାପକ କର୍ମଚାରୀ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କ ମାଧ୍ୟମରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ସଂଘର ଦାବି ପୂରଣ ନ ହେଲେ କାର୍ଯ୍ୟବନ୍ଦ ନେଇ ଚେତାବନୀ ଦିଆଯାଇଛି। ପ୍ରକାଶ ଯେ, ସଂଘର ୪ ଦଫା ଦାବି ନେଇ ସମସ୍ତ ଅଧ୍ୟାପକ କର୍ମଚାରୀ ଫେବୃଆରୀ ୧୩ରୁ ଭୁବନେଶ୍ୱର ଲୋୟର ପିଏମ୍‌ଜିଠାରେ ଧାରଣା ଦେଇଛନ୍ତି। ଏଥିରେ ସମାନ ଗ୍ରେଡ୍ ପେକୁ ସମାନ ଦରମା, ୨୦୦୮ ଜିଓରେ ଅନ୍ତର୍ଭୁକ୍ତ, କର୍ମଚାରୀଙ୍କୁ ପେନସନ ଓ ଅବସରକାଳୀନ ସୁବିଧା, ୨୦୧୮ ଗ୍ରାଣ୍ଟ-ଇନ୍-ଏଡ୍‌ରେ ଅନ୍ତର୍ଭୁକ୍ତ କର୍ମଚାରୀଙ୍କୁ ୭ମ ବେତନ ପ୍ରଦାନ, ୨୦୦୮ ଓ ୨୦୧୪ ଜିଆଇଏ ଆଦେଶରେ ଥିବା ଅସଂଗତି ଦୂର ଆଦି ରହିଛି। ଦାବିକୁ ଦୃଷ୍ଟିରେ ରଖି ସରକାର ଏକ ଆନ୍ତଃ ମନ୍ତ୍ରୀସ୍ତରୀୟ କମିଟି ଗଠନ କରିଥିଲେ। ଗତ ଚାରିମାସ ମଧ୍ୟରେ କମିଟି ମାତ୍ର ଥରେ ଆଲୋଚନା କରିଥିଲେ। ଆଗାମୀ ଜୁଲାଇ ୨୦ଠାରୁ ଓଡ଼ିଶାର ସମସ୍ତ ଅଧ୍ୟାପକ କର୍ମଚାରୀ କାର୍ଯ୍ୟବନ୍ଦ ଆନ୍ଦୋଳନ ଚେତାବନୀ ଦେଇଛନ୍ତି। ଅଧ୍ୟାପକ ବିପିନ ବିହାରୀ ସାହୁ, ନାରାୟଣ ସାହୁ, ପ୍ରକାଶ ଆଚାର୍ଯ୍ୟ, ସଂଗ୍ରାମ କେଶରୀ ବେହେରା, ତୁଳସୀ ଚରଣ ମହାନ୍ତ, ଅଧ୍ୟାପିକା ସ୍ମୃତି ବାନାର୍ଜୀ, ନିରୁପମା ଦାସ, ଅଶୋକ ରାଜ, ନିହାର ରଞ୍ଜନ ସାମଲ, କ୍ଷୀରୋଦ ପ୍ରସାଦ ଷଡ଼ଙ୍ଗୀ ପ୍ରମୁଖ ନେତୃତ୍ୱ ନେଇଥିଲେ।

## ପରିବାରକୁ ୪ ଲକ୍ଷ ପ୍ରଦାନ ଆଦେଶ

### ହଷ୍ଟେଲରେ ଛାତ୍ରୀଙ୍କ ମୃତ୍ୟୁ ଘଟଣା

କେନ୍ଦୁଝର, ୧୨।୭ (ନରେଶ ଚନ୍ଦ୍ର ପଟ୍ଟନାୟକ)

ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ବିଭାଗ (ଏସ୍‌ଏସଡି) ଦ୍ୱାରା ପରିଚାଳିତ ସଦର ବ୍ଲକ୍ ଉପର କୁସୁମିତା ଏଜୁକେସନଲା କମ୍ପ୍ଲେକ୍ସ ହଷ୍ଟେଲରେ ରହି ପଢୁଥିବା ଛାତ୍ରୀଙ୍କ ମୃତ୍ୟୁ ଘଟଣାରେ ପରିବାର ଲୋକଙ୍କୁ ୪ ଲକ୍ଷ ପ୍ରଦାନ କରିବାକୁ ଓଡ଼ିଶା ମାନବାଧିକାର କମିଶନ ଆଦେଶ କରିଛନ୍ତି। ଉକ୍ତ ଛାତ୍ରୀଙ୍କ ପରିବାରକୁ ୧ ଲକ୍ଷ ଟଙ୍କା ଆର୍ଥିକ ସହାୟତା ମିଳିଥିଲେ ହେଁ, ଚିକିତ୍ସା ଅଭାବରୁ ମୃତ୍ୟୁ ଘଟିଥିବା କମିଶନ ଉପଲବ୍ଧି କରି ଆଉ ୪ ଲକ୍ଷ କ୍ଷତିପୂରଣ ଦେବାକୁ ଜିଲାପାଳଙ୍କୁ ଆଦେଶ କରିଛନ୍ତି। ମୃତାଙ୍କ ପରିବାର ଚିହ୍ନଟ କରି ଅର୍ଥ ଦେବାକୁ କହିଛନ୍ତି। ଜାତୀୟକରଣ ବ୍ୟାଙ୍କରେ ୫ ବର୍ଷ ସ୍ଥାୟୀ ଜମା କରି ଏହାର କପି ତହସିଲରେ ରଖିବା ପାଇଁ କୁହାଯାଇଛି।

ପ୍ରକାଶ ଯେ, ଉପର କୁସୁମିତା ଏଜୁକେସନଲା କମ୍ପ୍ଲେକ୍ସରେ ୨୦୧୪ ଫେବୃୟାରୀ ୨୫ ଓ ୨୬ରେ ୨୦ ଛାତ୍ରୀ ଡାଇରିଆରେ ପୀଡ଼ିତ ହୋଇଥିଲେ। ତନ୍ମଧ୍ୟରୁ ରତନୀ ଦେହୁରୀ ଗୁରୁତର ହେବାରୁ ଜିଲା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ହୋଇଥିଲା। ଏ ନେଇ ଓଡ଼ିଶା ମାନବାଧିକାର କମିଶନରେ ଅଭିଯୋଗ ହୋଇଥିଲା। କମିଶନ ଏ ନେଇ ଏସ୍‌ସିଏସଟି ବିଭାଗ, ଜିଲାପାଳଙ୍କୁ ନୋଟିସ କରି ରିପୋର୍ଟ ମାଗିଥିଲେ। ପରେ ଦୋଷୀଙ୍କ ବିରୋଧରେ କି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ବୋଲି ପୁନଃ ରିପୋର୍ଟ ମାଗିଥିଲେ। ମାତ୍ର ରିପୋର୍ଟ ନ ମିଳିବାରୁ ପୂର୍ବ ରିପୋର୍ଟକୁ ଆଧାର କରି ଫଇସଲା କରିବାକୁ ଆବେଦନକାରୀ ମାନବାଧିକାର କର୍ମୀ ପ୍ରବୀର କୁମାର ଦାସ ନିବେଦନ କରିଥିଲେ। ଏହାର ଶୁଣାଣି କରି ଚଳିତ ମାସ ୬ ତାରିଖରେ କମିଶନ ଏଭଳି ଆଦେଶ କରିଥିବା ପ୍ରବୀର କହିଛନ୍ତି।

## କ୍ଷୁଦ୍ର ଜଳସେଚନ ବିଭାଗର ଅବହେଳାକୁ ନେଇ ଭଞ୍ଜସେନାର ବିକ୍ଷୋଭ

ବାରିପଦା,୧୨।୭(ନୀଳାଦ୍ରି ବିହାରୀ ଦଣ୍ଡପାଟ)




ବିକ୍ଷୋଭ ପ୍ରଦର୍ଶନ କରୁଥିବା ଭଞ୍ଜସେନାର କର୍ମକର୍ତ୍ତା।

ବାରିପଦା କ୍ଷୁଦ୍ର ଜଳସେଚନ ବିଭାଗର ମନମୁଖି କାର୍ଯ୍ୟ ଓ ଅବହେଳା ପ୍ରତିବାଦରେ ବୁଧବାର ଅଣରାଜନୈତିକ ସଙ୍ଗଠନ ଭଞ୍ଜସେନା ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଜିଲା ସଭାପତି ପିଣ୍ଟୁ ମାଇତିଙ୍କ ନେତୃତ୍ୱରେ ଶତାଧିକ ଭଞ୍ଜସେନା କର୍ମୀ ଧାରଣା ଦେଇଥିଲେ। ଏ ସଂକ୍ରାନ୍ତରେ ଏକ ଦାବିପତ୍ର ଜିଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଛି। ଦାବି ଗୁଡିକ ମଧ୍ୟରେ ଯୁଦ୍ଧକାଳୀନ ଭିତ୍ତିରେ ବାରିପଦା ସହର ମଧ୍ୟରେ ଯାଇଥିବା ନଦୀ ନାଳ ଗୁଡ଼ିକରୁ ପଙ୍କ ଉଦ୍ଧାର ସହିତ ଦଳ ସଫେଇ କାର୍ଯ୍ୟ କରିବା, ନଦୀ ନାଳ ଗୁଡିକର ଉଭୟ ପାର୍ଶ୍ୱରେ ଠିକାଦାରଙ୍କୁ ସୁହାଇଲା ଭଳିଆ କଂକ୍ରିଟ ୱାଲ ବଦଳରେ ପଥର ପ୍ୟାକିଂ କରିବା, ବାରିପଦା କ୍ଷୁଦ୍ର ଜଳସେଚନ ବିଭାଗ ଅଧୀନରେ ଥିବା ବାରିପଦା ସହର, ଶ୍ୟାମାଖୁଣ୍ଟା ବ୍ଲକ ଓ ଖୁଣ୍ଟା ବ୍ଲକରେ ହୋଇଥିବା ନିମ୍ନମାନର କାର୍ଯ୍ୟକୁ ସମର୍ଥନ ଦେଇଥିବା କନିଷ୍ଠ ଯନ୍ତ୍ରୀଙ୍କ କାର୍ଯ୍ୟାଧାରା ଓ ଆର୍ଥିକ ବ୍ୟବସ୍ଥା ଉପରେ ଉଚ୍ଚସ୍ତରୀୟ ତଦନ୍ତ କରିବାକୁ ଅଭିଯୋଗରେ ଦର୍ଶାଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲା ଓବିସି ଶାଖା ସଭାପତି ରାକେଶ ବେହେରା, ଉପସଭାପତି ରାକେଶ ମହାନ୍ତି, ସମ୍ୟରଞ୍ଜନ ମିଶ୍ର, ଶେଖ ରାଜା ଖାନ, ଜ୍ୟୋତି ରଞ୍ଜନ ପୃଷ୍ଟି, ଗଣେଶ ମହାନ୍ତି, ସୌମ୍ୟରଞ୍ଜନ ସାହୁ, ସଞ୍ଜୟ ମହାନା, ସୌଭାଗ୍ୟ ଦେଓବାବୁ,ରୁଦ୍ର ପଟ୍ଟନାୟକ, ମୁକ୍ତିଦତ୍ତ ପରିଡା, ଆଦିତ୍ୟ ଦାଶ, ସୁକୁଦେବ ସିଂ, ଦେବାଶିଷ ନୟାକ, ସତ୍ୟବ୍ରତ ଦାସ ପ୍ରମୁଖଙ୍କ ସହିତ ଶତାଧିକ ସଂଗଠନର ଯୁବଛାତ୍ର ସାମିଲ ହୋଇଥିଲେ।

## ସଫଳତାର ୯ ବର୍ଷ ପ୍ରଚାରପତ୍ର ବାଣ୍ଟିଲା ଭାଜପା

ବାସୁଦେବପୁର,୧୨।୭(ନାରାୟଣ ପ୍ରସାଦ ବାରିକ୍)

ବାସୁଦେବପୁର ଭାଜପା ପକ୍ଷରୁ କେନ୍ଦ୍ର ସରକାରଙ୍କ ୯ ବର୍ଷ ପୂର୍ତ୍ତି ସଫଳତା ପ୍ରଚାରପତ୍ର ମଙ୍ଗଳବାର ସନ୍ଧ୍ୟାରେ ବାସୁଦେବପୁର ସହରରେ ବ୍ୟବସାୟୀ ଓ ଜନସାଧାରଣଙ୍କୁ ବଣ୍ଟନ କରାଯାଇଛି। ଆଗାମୀ ଦିନରେ ଭାଜପା କିପରି ଦେଶ ଓ ରାଜ୍ୟରେ ଅଧିକ ମଜବୁତ ହୋଇପାରିବ ସେ ଦିଗରେ ଜନସାଧାରଣ ଓ ଭୋଟରଙ୍କ ସହଯୋଗ କାମନା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଭାଜପା ନେତା ଅଶୋକ ସାହୁ, ଜିଲା ଉପସଭାପତି ଉଦୟ ନାରାୟଣ ମଲିକ, ପୂର୍ବତନ କାଉନସିଲର ଭଗବାନ ମହାନ୍ତି, ରାଜେନ୍ଦ୍ର ବାରିକ୍, ଗୌରଗୋପାଳ ମହାକୁଡ଼, ସୁଶାନ୍ତ ବେହେରା ପ୍ରମୁଖ ସାମିଲ ହୋଇଥିଲେ।

## ଜଳେଶ୍ୱରରେ ବିଜୁ ପଟ୍ଟନାୟକ ଉଦ୍ୟାନ ଲୋକାର୍ପିତ




ଜଳେଶ୍ୱର, ୧୨।୭(ରବିନାରାୟଣ ପାତ୍ର)

ଜଳେଶ୍ୱର ମ୍ୟୁନିସିପାଲଟିର ୮ନଂ. ୱାର୍ଡ ପଞ୍ଚୁଘଣ୍ଟାଠାରେ ବିଜୁ ପଟ୍ଟନାୟକ ଉଦ୍ୟାନ ଲୋକାର୍ପଣ ହୋଇଯାଇଛି। ଏଥିରେ ପୌରପାଳ ପ୍ରତୀପ କୁମାର ପ୍ରଧାନ ଅଧକ୍ଷତା କରି ସହରବାସୀଙ୍କ ମନୋରଞ୍ଜନ ଲାଗି ଏପରି ଉଦ୍ୟାନ ଆବଶ୍ୟକ ଥିଲା, ଆଜି ସେମାନଙ୍କ ସ୍ୱପ୍ନ ସାକାର ହେବାକୁ ଯାଉଥିବା କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୌର ନିର୍ବାହୀ ଅଧିକାରୀ ଅଜୟ ମହାପାତ୍ର, ଉପାଧକ୍ଷା ପୁଷ୍ପପ୍ରିୟା କାମିଲା, କାଉନସିଲର ଆବସ ଅଲ୍ଲୀ, ଶଙ୍କର ଘୋଷ, ସୁରଜ ଚୌରାସିଆ, ଆନନ୍ଦ କର, ସତ୍ୟଦାସ ମହାପାତ୍ର, ସଞ୍ଜୀବ ପାଳ, ସୁଶାନ୍ତ ସାହୁ, ଚନ୍ଦନ ଦାସ, ଗୋବିନ୍ଦ ସାହୁ, ସତ୍ୟବତୀ ଗିରି, ଭରତ ଦତ୍ତ ପ୍ରମୁଖ ବକ୍ତବ୍ୟ ଦେଇଥିବା ବେଳେ ଚିତ୍ତରଞ୍ଜନ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

## ନିଯୁକ୍ତି ଦାବିରେ ସମିତି ସଭ୍ୟଙ୍କୁ ଆକ୍ରମଣ ଉଦ୍ୟମ

### ଟାଟା ଷ୍ଟିଲ ଲଙ୍ଗ ପ୍ରଡକ୍ଟ ରେଳ ସାଇଡିଂରେ ଉତ୍ତେଜନା

ଯୋଡ଼ା,୧୨।୭(ମାନସ ମହାନ୍ତି)

କେନ୍ଦୁଝର ଜିଲା ଯୋଡ଼ା ବ୍ଲକ୍ ବିଲେଇପଦାସ୍ଥିତ ଟାଟା ଷ୍ଟିଲ ଲଙ୍ଗ ପ୍ରଡ଼କ୍ଟ ଲିମିଟେଡ କମ୍ପାନୀର ରେଳ ସାଇଡ଼ିଂରେ ସ୍ଥାନୀୟ ନିଯୁକ୍ତିକୁ ନେଇ ଉତ୍ତେଜନା ଦେଖାଦେଇଛି। ସାଇଡିଂ ଠିକା ସଂସ୍ଥାର ଜଣେ କର୍ମଚାରୀ ବିରିକଲା ପଞ୍ଚାୟତର ସମିତି ସଭ୍ୟ ଜ୍ଞାନ ରଞ୍ଜନ ଖୁଣ୍ଟିଆଙ୍କୁ ପଥରରେ ଆକ୍ରମଣ ଉଦ୍ୟମ କରିଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। ଖବର ନେବାରୁ ଜଣାପଡ଼ିଛି, ଏକ ମାସ ହେବ ଉକ୍ତ ରେଳ ସାଇଡିଂରେ କମ୍ପାନୀ ପକ୍ଷରୁ ଏକ ଠିକା ସଂସ୍ଥା ଲଜିଷ୍ଟିକ୍ ସଲ୍ୟୁସନକୁ କାର୍ଯ୍ୟାଦେଶ ଦିଆଯାଇଛି। ଠିକା ସଂସ୍ଥାରେ ସ୍ଥାନୀୟ ଲୋକଙ୍କୁ ନିଯୁକ୍ତି ଦେବା ପାଇଁ ବାରମ୍ବାର ଦାବି କରାଯାଉଥିଲା। ଏ ନେଇ ମଙ୍ଗଳବାର ସନ୍ଧ୍ୟାରେ ଆଲୋଚନା ପାଇଁ ସ୍ଥାନୀୟ ଲୋକେ ଯାଇଥିବା ସମୟରେ ସମିତି ସଭ୍ୟ ଜ୍ଞାନ ରଞ୍ଜନ ଖୁଣ୍ଟିଆଙ୍କୁ ଠିକା ସଂସ୍ଥାର କର୍ମଚାରୀ କ୍ଷୀରୋଦ ଗୋପ ନିଯୁକ୍ତି ଦାବି ଆଲୋଚନାକୁ ଏଡାଇ ଦେଇଥିଲେ। ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହିତ ପଥରରେ ଆକ୍ରମଣ ଉଦ୍ୟମ କରିଥିଲେ। ଏହାକୁ ନେଇ ଉପସ୍ଥିତ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଉତ୍ତେଜନା ପ୍ରକାଶ ପାଇଥିଲା। ବୁଧବାର ଉତ୍ୟକ୍ତ ଲୋକେ ରେଳ ସାଇଡିଂର ପରିବହନ ଓ ଲୋଡିଂ କାର୍ଯ୍ୟକୁ ବନ୍ଦ କରିବା ଫଳରେ ରେଳ ସାଇଡ଼ିଂରେ କମ୍ପାନୀର ସମ୍ପୂର୍ଣ୍ଣ କାର୍ଯ୍ୟ ବନ୍ଦ ହୋଇଯାଇଥିଲା। ଏ ସମ୍ପର୍କରେ କମ୍ପାନୀର କର୍ପୋରେଟ ଅଧିକାରୀ ରାଜେଶ ଦାସ କହିଛନ୍ତି, ସ୍ଥାନୀୟ ନିଯୁକ୍ତି ସମସ୍ୟାର ସମାଧାନ ପାଇଁ ଏକ ଆଲୋଚନା ବୈଠକ କରାଯାଇ ନିଷ୍ପତ୍ତି ନିଆଯିବ।

## ଇପିଏଫ୍ ପେନ୍‌ସନ ବୃଦ୍ଧି ଦାବି ଜୋର ଧରିଲା

### ଏମ୍‌ପିଙ୍କ ଜରିଆରେ ପ୍ରଧାନମନ୍ତ୍ରୀଙ୍କୁ ଦାବିପତ୍ର

ବାଲେଶ୍ୱର,୧୨।୭ (ମାନସ ବିଶ୍ୱାଳ)



ବାଲେଶ୍ୱର ଏମ୍‌ପି ପ୍ରତାପ ଷଡ଼ଙ୍ଗୀଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

ଅଲ୍ ଓଡ଼ିଶା ଇପିଏଫ୍ ପେନସନର୍ସ ଆସୋସିଏସନ୍ ଆହ୍ୱାନରେ ଓଡ଼ିଶାର ସମସ୍ତ ଲୋକସଭା ଓ ରାଜ୍ୟସଭା ଏମ୍‌ପିମାନଙ୍କୁ ସ୍ଥାନୀୟ ପେନସନର୍ସମାନେ ସାକ୍ଷାତ କରି ସେମାନଙ୍କ ସମସ୍ୟା ଅବଗତ କରାଇ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଉଛି। ଏହି ପରିପ୍ରେକ୍ଷୀରେ ବାଲେଶ୍ୱର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କୁ ଜିଲା କମିଟିର ପ୍ରତିନିଧିମାନେ ସାକ୍ଷାତ ଆଲୋଚନା ସହ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିଛନ୍ତି।

ଇପିଏଫ୍ ସଂସ୍ଥାରୁ ପେନସନ୍ ପାଉଥିବା ଅବସରପ୍ରାପ୍ତ କର୍ମଚାରୀ ମାସିକ ଏକ ହଜାର ଟଙ୍କା କିମ୍ବା ତହିଁରୁ କମ୍ ଟଙ୍କା ପାଉଛନ୍ତି। ତେଣୁ ସର୍ବନିମ୍ନ ମାସିକ ପେନସନ୍ ୯ ହଜାର ଟଙ୍କା ସହ ମହଙ୍ଗା ଭତ୍ତା ଓ ସରକାରୀ ଚିକିତ୍ସାବୀମା ଯୋଗାଇଦେବାକୁ କେନ୍ଦ୍ର ସରକାର ନିଷ୍ପତ୍ତି ଗ୍ରହଣ କରିବାକୁ ଦାବିପତ୍ରରେ ପ୍ରଧାନମନ୍ତ୍ରୀଙ୍କୁ ନିବେଦନ କରାଯାଇଛି। ଦରଦାମ୍ ଆକାଶଛୁଆଁ ବଢ଼ିଚାଲିଥିବା ବେଳେ ସ୍ୱଳ୍ପ ପେନସନ୍‌ରେ ଏହି ବରିଷ୍ଠ ନାଗରିକମାନେ ବିଭିନ୍ନ ଜରାରୋଗର ଚିକିତ୍ସା କରାଇବା ମଧ୍ୟ ସମ୍ଭବପର ହେଉନାହିଁ ବୋଲି ପ୍ରତିନିଧିମାନେ ଏମ୍‌ପିଙ୍କୁ ଅବଗତ କରାଇଥିଲେ। ଏହି ଦାବି ସମ୍ପର୍କରେ ସେ ପ୍ରଧାନମନ୍ତ୍ରୀଙ୍କୁ ଚିଠି ଲେଖିବା ସହ ଆଲୋଚନାରେ ଅବଗତ କରାଇବେ ବୋଲି ଏମ୍‌ପି ଷଡ଼ଙ୍ଗୀ ପ୍ରତିନିଧିମାନଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି। ସାକ୍ଷାତକାରରେ ଆସୋସିଏସନ୍ ପକ୍ଷରୁ ଜିଲା ସମ୍ପାଦକ ବିଷ୍ଣୁ ପ୍ରସାଦ ମହାନ୍ତି, ଉପଦେଷ୍ଟା ଗୌରାଙ୍ଗ ପାଣିଗ୍ରାହୀଙ୍କ ସମେତ ଶ୍ୟାମସୁନ୍ଦର ଜେନା, ଶରତ ଚନ୍ଦ୍ର ଦଳାଇ, ପୂର୍ଣ୍ଣଚନ୍ଦ୍ର ପାତ୍ର ଓ ଦିବାକର ଚାନ୍ଦ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଏହି ସାକ୍ଷାତକାର ବେଳେ ଭାଜପା ନେତ୍ରୀ ମମତା ମହାପାତ୍ର ଉପସ୍ଥିତ ଥିଲେ।

## ସାପ କାମୁଡ଼ାରେ ଜଣେ ମୃତ

ପାଟଣା,(ବୀରକିଶୋର ଦାଶ): କେନ୍ଦୁଝର ଜିଲା ପାଟଣା ବ୍ଲକ ଗୋଧିରାମପଡ଼ା ଗ୍ରାମରେ ମଙ୍ଗଳବାର ବିଳମ୍ବିତ ରାତିରେ ସାପ କାମୁଡ଼ାରେ ସିଙ୍ଗା ମୁଣ୍ଡା (୫୦)ଙ୍କ ମୃତ୍ୟୁ ହୋଇଛି। ବୃଦ୍ଧ ଦମ୍ପତି ପିଲାଙ୍କୁ ଖଟରେ ଶୁଆଇ ଘର ଚଟାଣରେ ଶୋଇଥିଲେ। ରାତିରେ ସିଙ୍ଗାଙ୍କ ଡାହାଣ କାନକୁ ଏକ ଚିତି ସାପ କାମୁଡ଼ି ଦେଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ପରିବାର ଲୋକେ ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଘଟଗାଁ ପୋଲିସ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ କରିଛି। ଘଟଗାଁ ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

## ସଂକ୍ଷେପରେ

### ଆଜି ମା' ତାରିଣୀଙ୍କ ଆଷାଢ଼ୀପର୍ବ
### ସନ୍ଧ୍ୟାରେ ଦର୍ଶନ, ପୂଜାର୍ଚ୍ଚନା

ଘଟଗାଁ,୧୨।୭ (ରାଜେନ୍ଦ୍ର ପଟ୍ଟନାୟକ): କେନ୍ଦୁଝର ଜିଲାର ଆରାଧ୍ୟ ଦେବୀ ମା' ତାରିଣୀଙ୍କ ପ୍ରସିଦ୍ଧ ଆଷାଢ଼ୀ ପର୍ବ ଗୁରୁବାର ଅନୁଷ୍ଠିତ ହେବ। ଏ ନେଇ ଦିନ ତମାମ ମା' ଦର୍ଶନ ବନ୍ଦ ସହ ପୂଜା ଅର୍ଚ୍ଚନା ବନ୍ଦ ରହିବ। ସନ୍ଧ୍ୟା ସମୟରେ ମା' ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେବେ ବୋଲି ଟ୍ରଷ୍ଟ ବୋର୍ଡ ପକ୍ଷରୁ ସୂଚନା ମିଳିଛି। ପ୍ରଚଳିତ ପ୍ରଥା ଅନୁଯାୟୀ, ମା'ଙ୍କ ଆଷାଢ଼ୀ ପର୍ବ ପ୍ରତ୍ୟେକ ବର୍ଷ ଆଷାଢ଼ ମାସର ଶେଷ ଗୁରୁବାର ପାଳନ କରାଯାଇଥାଏ। ମା' ତାରିଣୀ ଅଞ୍ଚଳବାସୀଙ୍କ ମଙ୍ଗଳ ମନାସୀ, ଚାଷବାସ ଭଲ ହେବା ପାଇଁ ଦିନ ତମାମ ଉପବାସ ରହିଥାଆନ୍ତି। ଏହି ଦିନ ଜଗତର ମଙ୍ଗଳ ପାଇଁ କାମନା କରିଥାଆନ୍ତି। ତେଣୁ ଦିନ ବେଳା ମନ୍ଦିର ସମ୍ପୂର୍ଣ୍ଣ ବନ୍ଦ ରହୁଥିବା ବେଳେ, ଉକ୍ତ ଦିନ ନିଷାର୍ଦ୍ଧରେ ମା' ବନଦେବୀଙ୍କ ଗୁପ୍ତ ପୂଜା ହୋଇଥାଏ। ମା' ତାରିଣୀଙ୍କ ମନ୍ଦିର ଓ ପୀଠ ପରିସରରେ ଥିବା ଦୁଆରଶୁଣି ମନ୍ଦିର ଦିନ ତମାମ ବନ୍ଦ ରହିବା ସହ ମା'ଙ୍କ ପୂଜାର୍ଚ୍ଚନା ହେବ ନାହିଁ। ଉକ୍ତ ଦିନ ସନ୍ଧ୍ୟା ୭ ଘଟିକାରୁ ମାଆଙ୍କ ମନ୍ଦିରର ପହଡ଼ ଖୋଲିବ। ରାତ୍ର ୧୦ ଘଟିକା ପର୍ଯ୍ୟନ୍ତ ସମସ୍ତ ପୂଜାବିଧି ରୀତି ନୀତି ଅନୁଯାୟୀ ସମ୍ପର୍ଣ ହେବ ବୋଲି ସୂଚନା ମିଳିଛି।

### ସଭ୍ୟ ପଦରୁ ଇସ୍ତଫା ଦେଲେ ଗରଡ଼ିହି ୱାର୍ଡ଼ସଭ୍ୟା

ନୀଳଗିରି, ୧୨।୭(ପ୍ରଶାନ୍ତ ବିଶ୍ୱାଳ)- ନୀଳଗିରି ବ୍ଲକ ଗରଡ଼ିହି ପଞ୍ଚାୟତ କୁଞ୍ଜବଣିଆ ଚନ୍ଦ୍ରପୁର ଗ୍ରାମର ୱାର୍ଡ଼ସଭ୍ୟା ଭାରତୀ ସିଂ ନିଜ ପଦରୁ ଇସ୍ତଫା ପାଇଁ ସରପଞ୍ଚ ଓ ନୀଳଗିରି ବିଡିଓଙ୍କୁ ଚିଠି ଲେଖି ଜଣାଇଛନ୍ତି। କୁଞ୍ଜବଣିଆ ଚନ୍ଦ୍ରପୁର ଗ୍ରାମର କ୍ରିଷ୍ଣା ସିଂଙ୍କ ପତ୍ନୀ ଭାରତୀ ଗତ ପଞ୍ଚାୟତ ନିର୍ବାଚନରେ ୧୫ନଂ. ୱାର୍ଡ଼ସଭ୍ୟା ଭାବେ ନିର୍ବାଚିତ ହୋଇଥିଲେ। ଘରୋଇ ଓ ପାରିବାରିକ



କାରଣ ଦର୍ଶାଇ ବୁଧବାର ନିଜ ପଦରୁ ଅବ୍ୟାହତି ନେବା ପାଇଁ ସରପଞ୍ଚ ଏବଂ ବିଡିଓଙ୍କୁ ଚିଠି ଲେଖି ଇସ୍ତଫା ଗ୍ରହଣ କରିବାକୁ ନିବେଦନ କରିଛନ୍ତି। କାହାରି ଚାପରେ କିମ୍ବା କାହାରି ପ୍ରଲୋଭନରେ ସେ ଇସ୍ତଫା ଦେଇନାହାନ୍ତି ବୋଲି କହିବା ସହିତ ତାଙ୍କ ଘର ଏବଂ ପରିବାର ପାଇଁ ସେ ଇସ୍ତଫା ଦେଇଥିବା ଚିଠିରେ ଉଲ୍ଲେଖ କରିଛନ୍ତି। ତେଣୁ ଉକ୍ତ ପଞ୍ଚାୟତର କୌଣସି ବୈଠକରେ ସେ ୧୨ତାରିଖଠାରୁ ଯୋଗ ଦେଇପାରିବେ ନାହିଁ ବୋଲି ଉଲ୍ଲେଖ କରିବା ସହ ତାଙ୍କ ଇସ୍ତଫା ଗ୍ରହଣ କରିବାକୁ ନିବେଦନ କରିଛନ୍ତି।

### ବିରୁଡି ବସା ଭାଙ୍ଗିବାକୁ ଯାଇ ନିଜ ଘର ଜଳିଗଲା

ଖଇରା, ୧୨।୭(ଉତ୍କଳବନ୍ଧୁ ପଣ୍ଡା) ନିଆଁ ଦେଖାଇ ବିରୁଡି ବସା ଭାଙ୍ଗିବାକୁ ଉଦ୍ୟମ କରାଯାଉଥିବା ବେଳେ ସେହି ନିଆଁରେ ନିଜ ଘର ଜଳିଯିବ ଏକଥା କେହି ବିଶ୍ୱାସ କରି ନ ଥିଲେ। ଘଟଣା ଘଟିଛି ବାଲେଶ୍ୱର ଜିଲା ଖଇରା ବ୍ଲକ ନଟାପଡା ଗ୍ରାମରେ। ନଳିନୀ ଜେନାଙ୍କ ଘରେ ବହୁଦିନରୁ ବିରୁଡି ବସା ବାନ୍ଧିଥିଲେ। ମଙ୍ଗଳବାର ସନ୍ଧ୍ୟାରେ ବସାକୁ ହଟାଇବାକୁ ସେ ନିଆଁ ଦେଖାଉଥିବା ବେଳେ ଏହି ନିଆଁ ଘର ଛପରରେ ଲାଗିବା କାରଣରୁ ଘର ଜଳି ଆସବାବପତ୍ର ନଷ୍ଟ ହୋଇଯାଇଥିଲା। ଖଇରା ଦମକଳ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା।

### ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ଲାଗି ସାମୂହିକ ଅଭ୍ୟାସ

ବୈଶିଙ୍ଗା,୧୨।୭(ରତନ ଦାଶ)- ମୟୂରଭଞ୍ଜ ଜିଲା ବେତନଟୀ ବ୍ଲକ ପାଟଳିପୁରା ଗ୍ରାମର ବେଲାଣପୁର ବହୁମୁଖୀ ବନ୍ୟା ଆଶ୍ରୟସ୍ଥଳୀରେ ପ୍ରାକୃତିକ ବିପର୍ଯ୍ୟୟ ପ୍ରଶମନ ସଚେତନତା ଓ ମକଡ୍ରିଲ ଆୟୋଜିତ ହୋଇଯାଇଛି। ବରିଷ୍ଠ ଶିକ୍ଷାବିତ ସନ୍ତୋଷ କୁମାର ଖଣ୍ଡା ମଞ୍ଚ ପରିଚାଳନା କରିଥିଲେ। ବିଡିଓ ଛବିରାଣୀ ସାହୁ ଶିବିରକୁ ଉଦ୍ଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ଉପଜିଲାପାଳ ତଥା ଜରୁରୀକାଳୀନ ଅଧିକାରୀ ସୁଜୟ କୁମାର ପତି, ସମ୍ମାନନୀୟ ଅତିଥି ଭାବେ କୌଶଲ୍ୟା ମାଝି, ବେତନଟୀ ବ୍ଲକ ଅଧକ୍ଷା, ରମାକାନ୍ତ ମହାନ୍ତ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ, ରବୀନ୍ଦ୍ର କୁମାର ସେଠୀ, ଅଗ୍ନିଶମ ବିଭାଗ ଅଧିକାରୀ ଯୋଗ ଦେଇଥିଲେ। ସରପଞ୍ଚ ମମତା ନାୟକ ଓ ସମିତିସଭ୍ୟା ମମତା ଗୋଛାୟତ ଯୋଗଦେଇଥିଲେ। ଅଗ୍ନିଶମ ବିଭାଗ ଦ୍ୱାରା ବନ୍ୟା ବାତ୍ୟା, ପ୍ରାଥମିକ ଚିକିତ୍ସା ଉପରେ ଓ ବିଭିନ୍ନ ଯନ୍ତ୍ରପାତିର କାର୍ଯ୍ୟକାରିତା ପ୍ରଦର୍ଶନ କରାଯାଇଥିଲା। ଇକୋକ୍ଲବ ସଂଯୋଜକ ତଥା ପାଟଳିପୁରା ଉଚ୍ଚବିଦ୍ୟାଳୟର ଶିକ୍ଷକ ରମାକାନ୍ତ ମହାନ୍ତ ଧନ୍ୟବାଦ ଦେଇଥିଲେ।

# ମୟୂରଭଞ୍ଜରେ କେନ୍ଦ୍ରାଞ୍ଚଳ ରାଜସ୍ୱ କମିଶନର

## ବିଭିନ୍ନ ଉନ୍ନୟନ ପ୍ରକଳ୍ପର ଅଗ୍ରଗତି ସମ୍ପର୍କରେ ସମୀକ୍ଷା

ବାରିପଦା,୧୨।୭(ନୀଳାଦ୍ରି ବିହାରୀ ଦଣ୍ଡପାଟ)

କେନ୍ଦ୍ରାଞ୍ଚଳ ରାଜସ୍ୱ କମିଶନର ଡ.ସୁରେଶ ଚନ୍ଦ୍ର ଦଳେଇ ବୁଧବାର ମୟୂରଭଞ୍ଜ ଜିଲା ଗସ୍ତରେ ଆସିଛନ୍ତି । ଜିଲାପାଳଙ୍କ ଫେସିଲିଟେସନ କକ୍ଷରେ ଜମିବାଡ଼ି ସଂକ୍ରାନ୍ତୀୟ ବିଭିନ୍ନ ମାମଲାର ତଦନ୍ତ ପୂର୍ବକ ଶୁଣାଣି କରିଛନ୍ତି। ଅପରାହ୍ନରେ ଜିଲାର ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ଏବଂ ପ୍ରକଳ୍ପଗୁଡ଼ିକର ଅଗ୍ରଗତି ସମ୍ପର୍କରେ ସେ ସମୀକ୍ଷା କରିଥିଲେ। ଜିଲାପାଳ ବୀନିତ ଭରଦ୍ୱାଜଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ଜିଲାର ସମସ୍ତ ବିଭାଗର ଅଧିକାରୀ ଏବଂ ବିଭିନ୍ନ ପ୍ରକଳ୍ପରେ ନିୟୋଜିତ ଥିବା ଅଧିକାରୀମାନେ ଉପସ୍ଥିତ ରହି ନିଜ ନିଜ ଅଧୀନରେ ଚାଲୁଥିବା ପ୍ରକଳ୍ପ କାର୍ଯ୍ୟ ଗୁଡ଼ିକର ସ୍ଥିତି ଓ ପ୍ରଗତି ବିଷୟରେ ଆଲୋଚନା କରିଥିଲେ। ସମସ୍ତ ସରକାରୀ କାର୍ଯ୍ୟାଳୟ ଗୃହଗୁଡ଼ିକର ପୁନରୁଦ୍ଧାର ଏବଂ ନିର୍ମାଣ କାର୍ଯ୍ୟର ସମ୍ପୂର୍ଣ୍ଣ ଆନୁଷଙ୍ଗିକ ଖର୍ଚ୍ଚର ବ୍ୟୟ ଅଟକଳ ରିପୋର୍ଟ ଏକ ମାସ ମଧ୍ୟରେ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଜିଲାରେ ସ୍କୁଲ ଗୁଡିକରେ ଡ୍ରପ ଆଉଟ ସଂଖ୍ୟା କମାଇବାକୁ ଉଦ୍ୟମ କରିବା ସହିତ ନିୟମିତ ବ୍ୟବଧାନରେ ବିଭିନ୍ନ ବିଦ୍ୟାଳୟକୁ ପରିଦର୍ଶନରେ ଯାଇ ସ୍ଥିତି ପରଖିବା ପାଇଁ ଶିକ୍ଷା ବିଭାଗର ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ସରକାରୀ କ୍ୱାର୍ଟର୍ସରେ ରହୁଥିବା କର୍ମଚାରୀମାନଙ୍କୁ ଠିକ ବିଲ ଦେଇ ସେମାନଙ୍କ ଅବସର ପୂର୍ବରୁ ତାଙ୍କଠାରୁ ବିଜୁଳି ଦେୟ ଆଦାୟ କରାଇବାପାଇଁ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ପରାମର୍ଶ ଦେଇଥିଲେ। ବୈଠକରେ ମୁଖ୍ୟତଃ ନିର୍ମାଣାଧୀନ କାର୍ଯ୍ୟ ଓ ଏଥିପାଇଁ ଆବଶ୍ୟକ ଅର୍ଥ ବିଷୟରେ ସମସ୍ତ ପ୍ରକଳ୍ପ ଅଧିକାରୀ ତଥା ଅନ୍ୟାନ୍ୟ ବିଭାଗୀୟ ଅଧିକାରୀମାନେ ନିଜ ନିଜ ଅଧୀନରେ ନିର୍ମାଣାଧୀନ ପ୍ରକଳ୍ପ ବିଷୟରେ ସୂଚନା ଦେବା ସହିତ ଆଗାମୀ ପଦକ୍ଷେପ ସମ୍ବନ୍ଧରେ ନିଜ ନିଜ ମନ୍ତବ୍ୟ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ ଅକ୍ଷୟ ସୁନିଲ ଅଗ୍ରୱାଲ (ରାଜସ୍ୱ), ଅତିରିକ୍ତ ଜିଲାପାଳ ହେମନ୍ତ କୁମାର ସିଂ, ନବ ନିଯୁକ୍ତ ଆଇଏଏସ୍ ପ୍ରୋବେଶନର ଅକ୍ଷୟ ପିଲ୍ଲାଇ, ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଦୌଲତ ଚନ୍ଦ୍ରକାର, ଭାରପ୍ରାପ୍ତ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଜ୍ଞାନେନ୍ଦ୍ର ମହାନ୍ତିଙ୍କ ସମେତ ବିଭିନ୍ନ ବ୍ଲକର ବିଡିଓ, ତହସିଲଦାର, ବିଭାଗୀୟ ପଦାଧିକାରୀ ଓ ଲାଇନ ବିଭାଗର ଅଧିକାରୀ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।



କେନ୍ଦ୍ରାଞ୍ଚଳ ରାଜସ୍ୱ କମିଶନର ଡ.ସୁରେଶ ଚନ୍ଦ୍ର ଦଳେଇ ଉନ୍ନୟନ କାର୍ଯ୍ୟର ସମୀକ୍ଷା କରୁଛନ୍ତି।

# ୨ ଦିନ ହେଲା ବିଦ୍ୟାଳୟ ବନ୍ଦ, ପାଠପଢ଼ା ଠପ୍

## ପ୍ରଧାନଶିକ୍ଷକଙ୍କ ବଦଳି ଦାବି

ପାଟଣା,୧୨।୭(ବୀରକିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ବ୍ଲକ୍ ଉପାନ୍ତ ଅଞ୍ଚଳ ପଲାଣଘାଟି ପଞ୍ଚାୟତ ସବାହାଳି ସରକାରୀ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ସନାତନ ମହାନ୍ତଙ୍କ ବଦଳି ଦାବି ଜୋରଧରିଛି। ଏ ନେଇ ଅଭିଭାବକମାନେ ମଙ୍ଗଳବାର ଓ ବୁଧବାର ପିଲାଙ୍କୁ ପାଠ ପଢ଼ିବା ପାଇଁ ବିଦ୍ୟାଳୟକୁ ଛାଡ଼ିନାହାନ୍ତି। ଫଳରେ ବିଦ୍ୟାଳୟରେ ଶିକ୍ଷାଦାନ ଠପ୍ ହୋଇଛି। ଅଭିଭାବକଙ୍କ ଅଭିଯୋଗ ଅନୁଯାୟୀ, ବିଦ୍ୟାଳୟର ପ୍ରଧାନଶିକ୍ଷକ ଅଭିଭାବକ ଓ ଛାତ୍ରୀଛାତ୍ରମାନଙ୍କୁ ଦୁର୍ବ୍ୟବହାର କରୁଛନ୍ତି। ବିଦ୍ୟାଳୟ ନିୟମିତ ଆସୁନାହାନ୍ତି। ଗାଇଡ୍‌ଲାଇନ ଅନୁଯାୟୀ ପିଲାମାନଙ୍କୁ ମଧ୍ୟାହ୍ନ ଭୋଜନ ଦେଉନାହାନ୍ତି। ଏଥିସହ ଶିକ୍ଷକଙ୍କ ସ୍ତ୍ରୀ ଉକ୍ତ ଗ୍ରାମର ଝିଅ ହୋଇଥିବାରୁ ବିଭିନ୍ନ ସମୟରେ ସ୍କୁଲ ଭିତରେ ଅବାଧରେ ପ୍ରବେଶ କରି ବିଭିନ୍ନ କଥାରେ ହସ୍ତକ୍ଷେପ କରୁଥିବାରୁ ପରିଚାଳନା କମିଟି ସଦସ୍ୟ ସହ ଅଭିଭାବକ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଏ ନେଇ ଗତ ଶୁକ୍ରବାର ପ୍ରଧାନଶିକ୍ଷକଙ୍କ ବଦଳି ବ୍ଲକ୍ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କୁ ଜଣାଇଥିଲେ। କୌଣସି ଫଳ ନ ମିଳିବାରୁ ମଙ୍ଗଳବାରଠାରୁ ସମସ୍ତ ଅଭିଭାବକମାନେ ପିଲାଙ୍କୁ ସ୍କୁଲକୁ ଛାଡ଼ି ନ ଥିଲେ। ଖବର ପାଇ ବୁଧବାର ଦିନ ୧୨ ଟା ବେଳେ ଏବିଇଓ ସ୍କୁଲରେ ପହଞ୍ଚିଥିଲେ। ଏସ୍ଏମ୍‌ସି ସଭାପତି ମାଘୁ ମୁଣ୍ଡାଙ୍କ ଅଧ୍ୟକ୍ଷତାରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ସଚ୍ଚିଦା ନନ୍ଦ ସେଠୀ, ସିଆରସିସି ବିଭୁତି ପ୍ରଧାନ, ଅଭିଭାବକ ଓ ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟଙ୍କୁ ନେଇ ବୈଠକ ହୋଇଥିଲା। ଦାବିପୂରଣ କରାଯିବା ନେଇ ଏବିଇଓ ପ୍ରତିଶ୍ରୁତି ଦେବା ସହ ପିଲାଙ୍କୁ ସ୍କୁଲ ପଠାଇବାକୁ ଅନୁରୋଧ କରିଥିଲେ। ବ୍ଲକ୍ ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ଅମାନ୍ତ କହିଛନ୍ତି, ଏବିଇଓଙ୍କୁ ତଦନ୍ତ ପାଇଁ ପଠାଇଛି। ରିପୋର୍ଟ ଆସିଲେ ଡିଇଓଙ୍କୁ ଅବଗତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏ ନେଇ ସମ୍ପୃକ୍ତ ପ୍ରଧାନଶିକ୍ଷକଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।



ବୈଠକରେ ଉପସ୍ଥିତ ସ୍କୁଲ ପରିଚାଳନା କମିଟି ସଦସ୍ୟ ଓ ଏବିଇଓ ସଚ୍ଚିଦା ନନ୍ଦ ସେଠୀ।

## ବାବା ବିଶ୍ୱନାଥଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ

ଭଦ୍ରକ,୧୨।୭(ରବିନାରାୟଣ ଖିଲାର)

ଭଦ୍ରକ ସହର କୁଆଁସଠାରେ ମା'ବଳୀ ବାସୁଳିଙ୍କ ପୀଠରେ ବାବା ବିଶ୍ୱନାଥ ଓ ପଶ୍ଚିମାଙ୍କର ମନ୍ଦିର ପ୍ରତିଷ୍ଠା ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ରବିବାର ସାଳନ୍ଦୀ ନଦୀକୂଳରୁ କଳସ ବୁଡ଼ାଯାଇ ଏକ ଶୋଭାଯାତ୍ରାରେ ସହର ପରିକ୍ରମା କରାଯାଇ ମନ୍ଦିର ନିକଟରେ ସ୍ଥାପନା କରାଯାଇଥିଲା। ସୋମବାର ମନ୍ଦିର ପ୍ରତିଷ୍ଠା ଉତ୍ସବ ଓ ଭଜନ ସଂନ୍ଧ୍ୟା ଅନୁଷ୍ଠିତ ହୋଇଥିଲା। ମଙ୍ଗଳବାର ପୂର୍ଣ୍ଣାହୁତି ଓ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା। ହଜାର ସଂଖ୍ୟାରେ ଭକ୍ତ ଯୋଗଦେଇ ମା'ଙ୍କ ଦର୍ଶନ କରିବା ସହିତ ବାବା ବିଶ୍ୱନାଥ ଓ ପଶ୍ଚିମାନଙ୍କର ଦର୍ଶନ କରି ପୂଜାର୍ଚ୍ଚନା କରି ମାନସିକ କରିଥିଲେ। ଉତ୍ସବରେ କାଉନ୍‌ସିଲର ଆଶିଷ ଅମିତାଭ ମହାପାତ୍ର, ପ୍ରାକ୍ତନ କାଉନ୍‌ସିଲର ଘାଉଲି ଜେନା ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇଥିଲେ।

# ରେଳଷ୍ଟେଶନ କାର୍ଯ୍ୟ ତଦାରଖ କଲେ ଜିଏମ୍, ଡିଆର୍ଏମ୍, ଏମ୍‌ପି

## ମାନକୁ ନେଇ ଅସନ୍ତୋଷ ପ୍ରକାଶ କଲେ ଅଧିକାରୀ



ଗୋପୀନାଥପୁର ରେଳଷ୍ଟେସନରେ ଜିଏମ୍, ଡିଆର୍ଏମ୍ ଓ ଏମ୍‌ପିଙ୍କ ସମେତ ଅନ୍ୟମାନେ।

ନୀଳଗିରି, ୧୨।୭(ପ୍ରଶାନ୍ତ ବିଶ୍ୱାଳ)

ବାଲେଶ୍ୱର ଜିଲା ନୀଳଗିରି ନିକଟ ଗୋପୀନାଥପୁରସ୍ଥିତ ରେଳଷ୍ଟେଶନ ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି। ପାସେଞ୍ଜର ଟ୍ରେନ ଚାଲିବା ନେଇ ଦିନ ପରେ ଦିନ ଗଡ଼ି ଚାଲିଥିବା ବେଳେ ସମ୍ପୂର୍ଣ୍ଣ ହୋଇଥିବା କିଛି କାର୍ଯ୍ୟର ମାନକୁ ନେଇ ଅଧିକାରୀ ଅସନ୍ତୋଷ ପ୍ରକାଶ କରିଛନ୍ତି। ନବନିର୍ମିତ ରେଳଷ୍ଟେଶନ କାର୍ଯ୍ୟ ତଦାରଖ କରିବାକୁ ବୁଧବାର ଏକ ଟ୍ରେନ ଯୋଗେ ପହଞ୍ଚିଥିଲେ ଦକ୍ଷିଣପୂର୍ବ ରେଳବାଇର ମହାପ୍ରବନ୍ଧକ (ଜିଏମ୍) ଅନୀଲ କୁମାର ମିଶ୍ରା, ପ୍ରବନ୍ଧକ (ଡିଆର୍ଏମ୍) କେଆର୍ ଚୌଧୁରୀ ଓ ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ। ନିର୍ମାଣ ହେଉଥିବା ଷ୍ଟେଶନ ଡଳେଇ ରାସ୍ତା, ବିଲ୍ଡିଂ ଗୃହ, ସିଗ୍‌ନାଲ ଲାଇଟ ପୋଷ୍ଟ ଓ ଅନ୍ୟ ସବୁ କାର୍ଯ୍ୟକୁ ଚାରିପାଖ ବୁଲି ଅନୁଧ୍ୟାନ କରିଥିଲେ। ତେବେ ଷ୍ଟେଶନ କାର୍ଯ୍ୟକ୍ଷମ ହୋଇ ନ ଥିବା ସ୍ଥଳେ ନିର୍ମାଣ ହେଉଥିବା ଷ୍ଟେଶନ ଚଲାପଥ ଢଳେଇ ରାସ୍ତା ଖରାପ ହେବା ଓ ଚିପସ୍ ଉଠି ପଡୁଥିବା ଦେଖି ଦାୟିତ୍ୱରେ ଥିବା ରେଳବିଭାଗ ଅଧିକାରୀଙ୍କୁ ତାଗିଦ୍ କରିଥିଲେ। ଆସନ୍ତା ଥରକୁ ଏସବୁ ମରାମତି ହୋଇଯିବା ଦରକାର, ନଚେତ୍ କାମ କରୁଥିବା ଏଜେନ୍ସିର ପେମେଣ୍ଟକୁ ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଶେଷରେ ନୀଳଗିରିକୁ ପାସେଞ୍ଜର ଟ୍ରେନ ଗଡ଼ିବା ନେଇ ମହାପ୍ରବନ୍ଧକ ମିଶ୍ରା ସୂଚନା ଦେଇଥିଲେ। ସମସ୍ତ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି, ରେଲୱେ ବୋର୍ଡ଼କୁ ପ୍ରସ୍ତାବ ଦେଇଛୁ, ଅନୁମତି ଆସିବାର ୧୦ରୁ ୧୫ଦିନ ମଧ୍ୟରେ ଟ୍ରେନ ଚାଲିବ ବୋଲି ସେ କହିଛନ୍ତି।

## ବିରଳ ପ୍ରଜାତିର କଇଁଛ ଉଦ୍ଧାର



ସୋର, (ଜନ୍ମେଜୟ ମିଶ୍ର)

ସୋର ବ୍ଲକ ନଟାପଡା ପଞ୍ଚାୟତ ନଟାପଡା ଗ୍ରାମର ଏକ ବିଲରୁ ବିରଳ ପ୍ରଜାତିର କଇଁଛ ଉଦ୍ଧାର କରାଯାଇଛି। ଏହି ଗ୍ରାମର ରମେଶ ବାରିକ ବିଲକୁ ଯାଇଥିବା ବେଳେ ବିଲରେ ଏକ ହଳଦୀ ରଙ୍ଗର କଇଁଛ ଦେଖିଥିଲେ। ଫଳରେ ରମେଶ କଇଁଛକୁ ଉଦ୍ଧାର କରି ନିଜ ଘରକୁ ଆଣିବା ସହ ବନ ବିଭାଗକୁ ଖବର ଦେଇଥିଲେ। ବନ ବିଭାଗ କର୍ମଚାରୀମାନେ ତାଙ୍କ ଘରେ ପହଞ୍ଚି କଇଁଛକୁ ନେଇଯାଇଥିବା ଜଣାପଡିଛି।

# ବିଶ୍ୱ ଜନସଂଖ୍ୟା ଦିବସରେ ଜନସଂଖ୍ୟା ବୋର୍ଡ ଉନ୍ମୋଚିତ




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିଗଣ।

ବାଲେଶ୍ୱର, ୧୨।୭(ମାନସ ବିଶ୍ୱାଳ)

ବାଲେଶ୍ୱର ଫକୀରମୋହନ ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ଜନସଂଖ୍ୟା ଅଧ୍ୟୟନ ବିଭାଗ ଦ୍ୱାରା ବିଶ୍ୱ ଜନସଂଖ୍ୟା ଦିବସ ପାଳିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟ ପରିସରରେ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ଏବଂ ଅନ୍ୟ ଅତିଥିଙ୍କ ଦ୍ୱାରା ଏକ ଜନସଂଖ୍ୟା ବୋର୍ଡ ଉନ୍ମୋଚନ କରାଯାଇଥିଲା। ମୁଖ୍ୟତଃ ବିଶ୍ୱବିଦ୍ୟାଳୟକୁ ଆସୁଥିବା ଛାତ୍ରୀଛାତ୍ରଙ୍କୁ ଏହି ବୋର୍ଡ ପ୍ରତିଦିନ ଦେଶର ତଥା ରାଜ୍ୟର ଜନସଂଖ୍ୟା ସମ୍ପର୍କରେ ବିବରଣୀ ଦେବାର ଲକ୍ଷ୍ୟ ରଖାଯାଇଛି ଯାହାକି ଛାତ୍ରୀଛାତ୍ରଙ୍କ ଜାଣିବା ପାଇଁ ନିତ୍ୟାନ୍ତ ଆବଶ୍ୟକ। ମୁଖ୍ୟଅତିଥି ଭାବେ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ତ୍ରିପାଠୀ ଯୋଗଦେଇଥିଲେ। ସମ୍ମାନନୀୟ ଅତିଥି ଭାବେ ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ପ୍ରଫେସର ମୁନେସ ଚନ୍ଦ୍ର ଅଧିକାରୀ, କୁଳପତିଙ୍କ ଧର୍ମପତ୍ନୀ ସୁପ୍ରୀତି ମିଶ୍ର, ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ଭାରତୀୟ ପ୍ରଶାସନିକ ଅଧିକାରୀ ଏବି ଅଟା ଏବଂ ଅର୍ଥନୀତି ବିଭାଗର ଅବସରପ୍ରାପ୍ତ ପ୍ରଫେସର ଆର୍‌ସି ମିଶ୍ର ଯୋଗଦେଇଥିଲେ। ଏହି ଅବସରରେ ବିଶ୍ୱବିଦ୍ୟାଳୟ ଜନସଂଖ୍ୟା ଅଧ୍ୟୟନ ବିଭାଗର ସହକାରୀ ପ୍ରଫେସର ମାଓତୁଲା ଆଓ ସଭା ପରିଚାଳନା କରିଥିବା ବେଳେ ବିଭାଗର ସହକାରୀ ପ୍ରଫେସର ଡ. ଜଗନ୍ନାଥ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ବିଭାଗର ଅଧାପିକା ଡ. ଗ୍ରେସ୍ ଭେଲେନ୍ ମୁଣ୍ଡୁ ଓ ଅଧାପକ ମାନସ କୁମାର ପତ୍ରୀ ସହଯୋଗ କରିଥିଲେ। କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟର ବିଭିନ୍ନ ବିଭାଗର ସ୍ନାତକୋତ୍ତର ଓ ଗବେଷଣା ଛାତ୍ରୀଛାତ୍ର ଏବଂ ଅଧାପିକାଅଧାପକ ମାନେ ଯୋଗଦେଇଥିଲେ।

## ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

balasoreselfie@gmail.com



@ଗଣେଶ



@ଲମ୍ବୋଦର

ସେଲ୍ଫି ସହ ନିଜର ନାମ ଓ ମୋବାଇଲ୍ ନମ୍ବର ଉଲ୍ଲେଖ କରନ୍ତୁ।

# ଆଦର୍ଶ ଶ୍ରେଣୀ କକ୍ଷ ଉଦ୍‌ଘାଟିତ



ଉଦଘାଟନୀ ଉତ୍ସବରେ ବିଧାୟକ ପ୍ରଫୁଲ୍ଲ ସାମଲ ଓ ଅନ୍ୟମାନେ।

ଭଣ୍ଡାରିପୋଖରୀ,୧୨।୭ (ରବିନାରାୟଣ ଖିଲାର)

ଭଣ୍ଡାରିପୋଖରୀ ବ୍ଲକ ଅନ୍ତର୍ଗତ ରାଜେନ୍ଦ୍ରପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟଠାରେ ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ପକ୍ଷରୁ ମୌଳିକ ସାକ୍ଷରତା ଏବଂ ସଂଖ୍ୟାଜ୍ଞାନ ଆଧାରିତ ଆଦର୍ଶ ଶ୍ରେଣୀ କକ୍ଷ ଉଦ୍‌ଘାଟନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଇଓ ଅଧିର କୁମାର ତରାଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବକୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଧାୟକ ପ୍ରଫୁଲ୍ଲ ସାମଲ ଉଦ୍‌ଘାଟନ କରିଥିଲେ। ସାଂପ୍ରତିକ ସମୟରେ ଶିକ୍ଷକମାନେ ଗୁରୁ ଭଳି ଶିକ୍ଷା ଦାନ କରିବା ଉଚିତ ବୋଲି ବିଧାୟକ ତାଙ୍କ ବକ୍ତବ୍ୟ ମାଧ୍ୟମରେ କହିଥିଲେ। ଏଥିରେ ପଞ୍ଚାୟତ ସମିତି ଅଧ୍ୟକ୍ଷା ସୁମତି ସେଠୀ, ଉପାଧ୍ୟକ୍ଷ ପ୍ରଣିତକାନ୍ତି ସାମଲ, ଆଗରପଡା ଶିକ୍ଷକ ପ୍ରଶିକ୍ଷଣ ପ୍ରତିଷ୍ଠାନ ଅଧ୍ୟକ୍ଷ କାର୍ତ୍ତିକ ଚନ୍ଦ୍ର ରାଉଳ,ବ୍ଲକ ସଂଯୋଜକ ପ୍ରଦୀପ କୁମାର ନାୟକ, ପ୍ରଫୁଲ୍ଲ କୁମାର ସାହୁ, ଜିଲାପରିଷଦ ସଭ୍ୟ ବଦ୍ରିନାରାୟଣ ରାଉତ, ଲକ୍ଷ୍ମୀଧର ସାହୁ, ସରପଞ୍ଚ ପୂର୍ଣ୍ଣଚନ୍ଦ୍ର ମାଝୀ, ଧନେଶ୍ୱର ଖୁଣ୍ଟିଆ, ସସ୍ମିତା ସେଠୀ, ସାଂସଦଙ୍କ ପ୍ରତିନିଧି ଲଳିତ କୁମାର ରାଉତ, ସମିତି ସଭାପତି ଦୀପ୍ତିସୂର୍ଯ୍ୟ ବିଶ୍ୱାଳ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଜଗବନ୍ଧୁ ପରିଡା ପ୍ରମୁଖ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ମୁଖ୍ୟ ଅତିଥି ଶ୍ରୀ ସାମଲ ଛାତ୍ରଛାତ୍ରୀମାନଙ୍କୁ କାର୍ଯ୍ୟ ପୁସ୍ତକ ବିତରଣ କରିଥିଲେ। ଆଞ୍ଚଳିକ ସାଧନକେନ୍ଦ୍ର ସଂଯୋଜକ କୈଳାସ ଚନ୍ଦ୍ର ସାମଲ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ନରେନ୍ଦ୍ର ପ୍ରସାଦ ବେହେରା ଅତିଥି ପରିଚୟ ପ୍ରଦାନ ଓ ଶିକ୍ଷକ ରବୀନ୍ଦ୍ର ନାଥ ଗୁଡି ଧନ୍ୟବାଦ ଅର୍ପଣ କରିଥିଲେ। ଉତ୍ସବକୁ ଶିକ୍ଷକ ବିଶ୍ୱମ୍ବର ମାଝୀ, ଶ୍ରୀକାନ୍ତ ପ୍ରସାଦ ବେହେରା, ପଦ୍ମଲୋଚନ ମାଝୀ, ମଞ୍ଜୁଲତା ସାହୁ,ପୀତାମ୍ବର ନାୟକ, ଆନନ୍ଦ ଚନ୍ଦ୍ର ପାଢ଼ୀ ପ୍ରମୁଖ ପରିଚାଳନା କରିଥିଲେ। ଏଥିରେ ଗ୍ରାମବାସୀଙ୍କ ସମେତ ସ୍କୁଲ ପରିଚାଳନା କମିଟି ସଭ୍ୟ ସଭ୍ୟା ଓ ଶିକ୍ଷକ ଶିକ୍ଷୟତ୍ରୀମାନେ ଉପସ୍ଥିତ ଥିଲେ।

# ମସିଣାବିଲା ହାଇସ୍କୁଲରେ ଅବସରକାଳୀନ ସମ୍ବର୍ଦ୍ଧନା ସଭା



ବିଦାୟୀ ଶିକ୍ଷକ, କର୍ମଚାରୀ ଓ ଅତିଥିମାନେ।

ଢେଙ୍କିକୋଟ,୧୨।୭(ନୀଳମଣି ମଣ୍ଡଳ)

କେନ୍ଦୁଝର ଜିଲା ଘଟଗାଁ ବ୍ଲକ୍ ବଡ଼ ମସିଣାବିଲା ପଞ୍ଚାୟତ ହାଇସ୍କୁଲ ପରିସରରେ ବୁଧବାର ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ହାଇସ୍କୁଲର ହିନ୍ଦୀ ଶିକ୍ଷକ ରମେଶ ଚନ୍ଦ୍ର ରାଉତ, ଚତୁର୍ଥ ଶ୍ରେଣୀ କର୍ମଚାରୀ ପୂର୍ଣ୍ଣଚନ୍ଦ୍ର ମହାରଣାଙ୍କୁ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଥିଲା। ହାଇସ୍କୁଲର ପ୍ରଧାନଶିକ୍ଷକ ମଧୁସୂଦନ ପ୍ରଧାନଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ବଡ଼ ମସିଣାବିଲା ଏମ୍ଇ ସ୍କୁଲର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଡମ୍ବରୁଧର ରାଉତ, ମୁଖ୍ୟ ବକ୍ତାଭାବେ ବ୍ଲକ୍‌ଗ୍ରାଣ୍ଟ ଶିକ୍ଷକ ସଂଘ ସଭାପତି କିଶୋର ଚନ୍ଦ୍ର ମହାନ୍ତି, ସମ୍ମାନୀୟ ଅତିଥିଭାବେ ଘଟଗାଁ ବ୍ଲକ୍ ବିଜୁ ଜନତା ଦଳ ସଭାପତି ଦୋଳ ଗୋବିନ୍ଦ ବେହେରା, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରଶ୍ନ ବାରିକ, ଦୀପ୍ତିରଞ୍ଜନ ପ୍ରଧାନ, ଅନାଦି ପ୍ରଧାନ, ହରେକୃଷ୍ଣ ପୁହାଣ, ଦିବାକର ମହାନ୍ତ, ବଡ଼ ମସିଣାବିଲାର ସରପଞ୍ଚ ଝରଣା ଗିରି, ରଘୁନାଥ ମହାନ୍ତ, ଉଜ୍ଜଳ କୁମାର ସାହୁ ଯୋଗଦେଇ ନିରାମୟ ଜୀବନ କାମନା କରିଥିଲେ। ସ୍କୁଲ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ବେହେରା ସଭା ପରିଚାଳନା କରିଥିଲେ।

